Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:326✦26 March 2026 (Thursday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୩୨୬✦୨୬ ମାର୍ଚ୍ଚ ୨୦୨୬ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଇରାନ ବିରୁଦ୍ଧରେ ଟ୍ରମ୍ପଙ୍କ ମାଷ୍ଟରପ୍ଲାନ୍ :

୧୫ଟି କଠୋର ସର୍ତ୍ତ ସହ ଲାଗୁ ହେବ 'ଲିବିୟା ମଡେଲ'

ନୂଆଦିଲ୍ଲୀ, ୨୫।୩: ମଧ୍ୟ-ପ୍ରାଚ୍ୟରେ ଜାରି ରହିଥିବା ଭୟଙ୍କର ଯୁଦ୍ଧକୁ ରୋକିବାକୁ ଆମେରିକାର ବଡ଼ କୂଟନୈତିକ ଚାଲ୍ । ଆମେରିକା ଏବଂ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଚୁକ୍ତି ପାଇଁ ୧୫ଟି ଅତ୍ୟନ୍ତ କଠୋର ସର୍ତ୍ତ ରଖାଯାଇଛି । କିନ୍ତୁ ବଡ଼ ପ୍ରଶ୍ନ ହେଉଛି, ଏହି ସର୍ତ୍ତଗୁଡ଼ିକୁ ମାନିବା ଇରାନ ପାଇଁ ଶାନ୍ତି ଆଣିବ ନା ଏହା ଏକ 'ରଣନୈତିକ ଆତ୍ମସମର୍ପଣ' ହେବ ? ଇରାନ ପାଇଁ ରଖାଯାଇଥିବା ଆମେରିକାର ୧୫ଟି କଠୋର ସର୍ତ୍ତ: ମାସଜଦ ସିଲ୍‌ଫାୟାର: ପ୍ରଥମେ ଏକ ମାସ ପାଇଁ ଯୁଦ୍ଧବିରତି ଘୋଷଣା କରିବାକୁ ହେବ । ପରମାଣୁ କାର୍ଯ୍ୟକ୍ରମ ବନ୍ଦ: ନିଜର ପରମାଣୁ କାର୍ଯ୍ୟକ୍ରମକୁ ପ୍ରାୟତଃ ସମ୍ପୂର୍ଣ୍ଣ ଶେଷ କରିବାକୁ ପଡ଼ିବ । ୟୁରେନିୟମ ସମୃଦ୍ଧିକରଣ ଉପରେ ରୋକ୍: ୟୁରେନିୟମ ସମୃର୍ଦ୍ଧନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ହେବ ।ଓଇଏଇଏକୁ ହସ୍ତାନ୍ତର: ସମସ୍ତ ପରମାଣୁ ସାମଗ୍ରୀ 'ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି' (ଓଇଏଇଏ)କୁ ହସ୍ତାନ୍ତର କରିବାକୁ ପଡ଼ିବ । ପରମାଣୁ କେନ୍ଦ୍ର ନଷ୍ଟ: ନତାଞ୍ଜ, ଫୋର୍ଡୋ ଏବଂ ଇସଫାହାନ ଭଳି ପ୍ରମୁଖ ପରମାଣୁ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିବାକୁ ହେବ । ସ୍ୱାଧୀନ ତଦନ୍ତ: ଓଇଏଇଏ ପ୍ରତିନିଧିଙ୍କୁ ଇରାନର ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ଯାଇ ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦେବାକୁ ହେବ । ପ୍ରକ୍ସି ଉଣ୍ଡାଣତିର ଅନ୍ତ: ହମାସ, ହିଜବୁଲ୍ଲା ଏବଂ ହୁତି ବିଦ୍ରୋହୀଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରିବାକୁ ପଡ଼ିବ । ଅର୍ଥ ଓ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ: ଏହି ସଙ୍ଗଠନଗୁଡ଼ିକୁ ଦିଆଯାଉଥିବା ଆର୍ଥିକ ଏବଂ ସାମରିକ ସହାୟତା ବନ୍ଦ କରିବାକୁ ହେବ । ହୋର୍ମୁଜ ପ୍ରଣାଳୀ: 'ଷ୍ଟେଟ୍ ଅଫ୍ ହୋର୍ମୁଜ'କୁ ଆନ୍ତର୍ଜାତୀୟ ଜାହାଜ ଚଳାଚଳ ପାଇଁ ସର୍ବଦା ଖୋଲା ରଖିବାକୁ ହେବ । ମିସାଇଲ୍ କାର୍ଯ୍ୟକ୍ରମ: ମିସାଇଲର ସଂଖ୍ୟା ଏବଂ ଏହାର ରେଞ୍ଜ୍ ଉପରେ ଜଟକଣା ଲାଗୁ ହେବ । ସୀମିତ ସାମରିକ ଶକ୍ତି: ଇରାନର ସାମରିକ କ୍ଷମତା କେବଳ 'ଆତ୍ମରକ୍ଷା' ପାଇଁ ସୀମିତ ରହିବ । ପ୍ରତିବନ୍ଧକ ହଟାଇବା: ସର୍ତ୍ତ ମାନିଲେ ଇରାନ ଉପରୁ ସମସ୍ତ ଆର୍ଥିକ ଜଟକଣା ହଟାଇ ଦିଆଯିବ । ନାଗରିକ ପରମାଣୁ ପ୍ରକଳ୍ପ: ବୁଶେହର ପରମାଣୁ ପାୱାର ପ୍ଲାଣ୍ଟ ଭଳି ପ୍ରକଳ୍ପରେ ଆନ୍ତର୍ଜାତୀୟ ସହାୟତା ମିଳିବ । ସ୍ନାପବ୍ୟାକ୍ ବ୍ୟବସ୍ଥାର ଅନ୍ତ: ହଠାତ୍ ପୁଣି ଥରେ ପ୍ରତିବନ୍ଧକ ଲଗାଇବାର ବ୍ୟବସ୍ଥାକୁ ଉଠାଇ ଦିଆଯିବ । ଲିଖିତ ଚାଏଗେ[: ଭବିଷ୍ୟତରେ କେବେ ବି ପରମାଣୁ ଅସ୍ତ୍ର ତିଆରି ନ କରିବା ପାଇଁ ଇରାନକୁ ଆନୁଷ୍ଠାନିକ ଚାଏଗେଟି ଦେବାକୁ ହେବ । ଇରାନ ପାଇଁ ସବୁଠାରୁ ବଡ଼ ବିଚାର ବିଷୟ ହେଉଛି 'ଲିବିୟା ମଡେଲ' । ୨୦୦୩ ମସିହାରେ ଲିବିଆର ଶାସକ ମୁଆମ୍ମର ଗଦାଫି ଆମେରିକାର ସର୍ତ୍ତ ମାନି ନିଜର ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିଦେଇଥିଲେ । କିନ୍ତୁ, ୨୦୧୧ରେ ନାଟୋ ସହାୟତାରେ ତାଙ୍କ ସବାକୁ ଓଲଟାଇ ଦିଆଗଲା ଏବଂ ଗଦାଫିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଗଲା । ଇରାନ ଭୟ କରୁଛି ଯେ, ଯଦି ସେ ନିଜର ସାମରିକ ଶକ୍ତି ଏବଂ ପରମାଣୁ ସାମର୍ଥ୍ୟ ହରାଇବ, ତେବେ ତା'ର ସୁରକ୍ଷା କବଚ ଭାଙ୍ଗିଯିବ ।

ବିଧାନସଭାରେ ଗୃହ ବିଭାଗର ଶ୍ୱେତ ପତ୍ର:

୨୦୨୪ ତୁଳନାରେ ୨୦୨୫ରେ ବଢ଼ିଛି ଧର୍ତ୍ତବ୍ୟ ଅପରାଧ



ଭୁବନେଶ୍ୱର, ୨୫/୩(ନି/ପ୍): ୨୦୨୫ ଅପରାଧିକ କାର୍ଯ୍ୟକଳାପକୁ ନେଇ ବିଧାନସଭାରେ ଶ୍ୱେତପତ୍ର ଉପସ୍ଥାପନ କଲା ଗୃହ ବିଭାଗ । ୨୦୨୪ ତୁଳନାରେ ୨୦୨୫ରେ ୭.୩୬% ବଢିଛି ଧର୍ତ୍ତବ୍ୟ ଅପରାଧ । ୨୦୨୪ରେ ୨ ଲକ୍ଷ ୧୪ ହଜାର ୧୧୩ ଅପରାଧ ହୋଇଥିଲା । ସେହିପରି ୨୦୨୫ରେ ଏହି ସଂଖ୍ୟା ୨ ଲକ୍ଷ ୨୯ ହଜାର ୮୮୧କୁ ବୃଦ୍ଧି ପାଇଛି । ରାଜ୍ୟରେ ବିଭାଜନକ ସ୍ଥିତିରେ ମହିଳା ଦୁଷ୍କର୍ମ। ଚୋରି, ଡକାୟତି ସାଙ୍ଗକୁ ମହିଳା ଦୁଷ୍କର୍ମ ବଢିଛି । ଅପରାଧରେ ବାଲେଶ୍ୱର ଜିଲ୍ଲା ସବୁଠୁ ସମ୍ବେଦନଶୀଳ ରହିଛି । ହତ୍ୟା, ଡକାୟତି ଓ ଦୁଷ୍କର୍ମରେ ଜିଲ୍ଲା ଲେଜର୍ଡ ଭାଙ୍ଗିଛି । ବିଧାନସଭାରେ ଉପସ୍ଥାପିତ ଶ୍ୱେତ ପତ୍ରରେ ଉଲ୍ଲେଖ ରହିଛି । ରାଜ୍ୟରେ ସମୁଦାୟ ୨ ଲକ୍ଷ ୨୯ ହଜାର ୮୮୧ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜୀକରଣ ହୋଇଛି । ଏଥିରେ ୧,୩୦୪ଟି ହତ୍ୟା, ୩୫୩ଟି ଡକାୟତି, ୧,୮୦୨ଟି ଲୁଣ୍ଠନ, ୬,୨୮୨ଟି ସିନ୍ଧିଚୋରୀ, ୨୧,୧୯୨ଟି ଚୋରୀ, ୬,୦୫୪ ପ୍ରତାରଣା, ୧,୦୯୫ଟି ବଙ୍କା, ୨,୯୯୪ଟି ଦୁଷ୍କର୍ମ, ୧୨, ୬୮୨ଟି ମୋଟର ଯାନ ଦୁର୍ଘଟଣା ଏବଂ ୧,୭୬,୦୨୪ଟି ତିନି ମାମଲା ଅନ୍ତର୍ଭୁକ୍ତ ଥିଲା । ଏହା ମଧ୍ୟରୁ ୧ ଲକ୍ଷ ୯୮ ହଜାର ୫୧୩ଟି ମାମଲା ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ପଞ୍ଜି କରାଯାଇଛି । ମୋଟ୍ ୨ ଲକ୍ଷ ୨୯ ହଜାର ୮୮୧ଟି ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୨,୨୨,୩୦୮ଟି ମାମଲା ସତ୍ୟ ଘଟଣା ଉପରେ ଆଧାରକ ଥିଲା ଓ ବର୍ଷ ଶେଷ ସୁଦ୍ଧା ୧,୫୫,୨୨୩ଟି ମାମଲାରେ ଚାର୍ଜଶୀଟ ଦାଖଲ କରାଯାଇଛି । ଏହା ବ୍ୟତୀତ ୧୧, ୩୯୮ଟି ମୋଳଦମା ତୁଦାନ୍ତ ରିପୋର୍ଟ, ୫,୮୦୭ଟି ଘଟସୁଦ୍ଧ ସାକ୍ଷ୍ୟପ୍ରମାଣ ଅଭାବ, ୫, ୭୭୦ଟି ଭ୍ରାମକ୍ଟ, ୧,୭୬୬ଟି ମିଥ୍ୟା, ୨୫ଟି ଅର୍ଧବର୍ଷ ଓ ୧୪ଟି ଅନ୍ୟାନ୍ୟ କାରଣରୁ ପରି ସମାପ୍ତ ହୋଇଛି । ଅବଶିଷ୍ଟ ୪୯, ୮୫୮ଟି ମାମଲାର ତଦନ୍ତାଧୀନ ଥିବାବେଳେ, ସେଥିମଧ୍ୟରୁ ୩୧,୯୯୬ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ରହିଛି ।୨୦୨୪ ମସିହାରେ ପଞ୍ଜୀକୃତ ୧୩୦୪ଟି ହତ୍ୟା ମାମଲା ମଧ୍ୟରୁ ୧,୨୧୮ଟି ସତ୍ୟ ଘଟଣା ଥିଲା । ବର୍ଷ ଶେଷ ସୁଦ୍ଧା ୬୦୧ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଥିଲା ।

ଆତ୍ମସମର୍ପଣ ପରେ ଫୁଲ ଓ ଉତରୀୟ ଦେଇ ଶୁଭୁକୁ ସ୍ୱାଗତ

ଫୁଲବାଣୀ,୨୫/୩(ନି/ପ୍): ଫୁଲବାଣୀ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ମାଓ ନେତା ଶୁଭୁ । ଆତ୍ମସମର୍ପଣ ପରେ ଆଜି ଶୁଭୁ ସହ ଆତ୍ମସମର୍ପଣ କରିଥିବା ଅନ୍ୟ ୪ ମାଓବାଦୀଙ୍କୁ ଫୁଲ ଏବଂ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଛି । ଆଟି ନକ୍ସଲ ଅପରେସନ ଏଡିକି ସମ୍ଭାବ ପଲ୍ଲା ଏବଂ ଜିଲ୍ଲାର ଅନ୍ୟ ବରିଷ୍ଠ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ ଗତକାଲି ମାଓ ସଂଗଠନର ମୋଷ୍ଟ ୱାଣ୍ଟେଡ ଶୁଭୁ ସମେତ ୫ଜଣ ମାଓବାଦୀ ଛତ୍ରମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ଶୁଭୁଙ୍କ ମୁଣ୍ଡ ଉପରେ ରହିଥିଲା ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି । ଆତ୍ମସମର୍ପଣ ମଧ୍ୟରେ ୨ ଜଣ ପୁରୁଷ ରହିଥିବା ବେଳେ ୩ ଜଣ ମହିଳା ମାଓବାଦୀ ରହିଛନ୍ତି । ସେମାନଙ୍କ ମଧ୍ୟରେ ଦୁଇଜଣ ଓଡ଼ିଶାର ଓ ତିନିଜଣ ଛତିଶଗଡ଼ର ବୋଲି ସୂଚନା ମିଳିଥିଲା । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ମଧ୍ୟ ପୁଲିସକୁ ପ୍ରଦାନ କରିଛନ୍ତି । ଶୁଭୁ ଏବେ ରାଜ୍ୟ କମିଟିର ସଦସ୍ୟ ଥିଲା । ଶୁଭୁ ନିଜ ପାଖରେ ରଖିଥିବା ଏକେ-୪୭ ପୁଲିସକୁ ହସ୍ତାନ୍ତର କରିଛି । ଛତ୍ତମାଳରେ ବେଶ୍ ସକ୍ରିୟ ଥିଲେ ନକ୍ସଲ ନେତା ଶୁଭୁ । ସାଥୀ ନକ୍ସଲ ନେତା ଅନ୍ୱେଷ ଓରଫ ରେଣୁଙ୍କୁ ହତ୍ୟା କରି ଗତ ମାସରେ ସେ ତର୍ଜାରେ ଥିଲା । ଅନ୍ୱେଷ ଆତ୍ମସମର୍ପଣ କରିବାକୁ ଚାହୁଁଥିବା ବେଳେ ଶୁଭୁ ଓ ତା' ସାଥୀମାନେ ତାଙ୍କୁ ମାରି ପୋତି ଦେଇଥିଲେ ବୋଲି ପୁଲିସ କହିଥିଲା । ଆତ୍ମସମର୍ପଣ ପାଇଁ ଶୁଭୁଙ୍କୁ ଆହ୍ୱାନ ଦେଇଥିଲା ଓଡ଼ିଶା ପୁଲିସ । ଡିଜିନାଲ କମିଟି ସଦସ୍ୟ ସିଲା ଓରଫ ନାଗମଣି, ଏରିଆ କମିଟି ସଦସ୍ୟ ରାଜିତା, ମଙ୍କୁ, ସନ୍ତୋଷ, ସନ୍ଧ୍ୟା, ସୁଷମା ମୁଣ୍ଡ ଉପରେ ୨୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ରାଶି ରହିଛି ।

ପଶ୍ଚିମ ଏସିଆ ଯୁଦ୍ଧ ଗମ୍ଭୀର ପରିଣାମ ଆଣିପାରେ:

ଏକତା ପାଇଁ ଆହ୍ୱାନ, ସାଂପ୍ରତିକ ସଙ୍କଟ ଉପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

ନୂଆଦିଲ୍ଲୀ,୨୫/୩: ପଶ୍ଚିମ ଏସିଆ ସଙ୍କଟ ଉପରେ ମଙ୍ଗଳବାର ରାଜ୍ୟସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଚାଲିଥିବା ସଙ୍କଟ ବିଶ୍ୱ ଅର୍ଥନୀତିକୁ ବୋହଲାଇ ଦେଇଛି ଏବଂ ପୁନରୁଦ୍ଧାର ପାଇଁ ବାର୍ଘ ସମୟ ଲାଗିପାରେ । ବାର୍ଘ ଦିନ ଧରି ଚାଲିଥିବା ଏହି ବିଶ୍ୱବ୍ୟାପୀ ଗମ୍ଭୀର ପରିଣାମ ଆଣିପାରେ ବୋଲି ସେ ଚେତାବନୀ ଦେଇଛନ୍ତି । ରାଜ୍ୟସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ତିନି ସପ୍ତାହରୁ ଅଧିକ ଦିନ ଧରି ଚାଲିଥିବା ଯୁଦ୍ଧ ଏକ ବଡ଼ ଶକ୍ତି ସଙ୍କଟ ସୃଷ୍ଟି କରିସାରିଛି ଏବଂ ପ୍ରମୁଖ ବାଣିଜ୍ୟ ମାର୍ଗ ବ୍ୟାହତ ହୋଇଛି । ଏହି ଯୁଦ୍ଧ ବିଶ୍ୱରେ ଏକ ଗମ୍ଭୀର ଇନ୍ଧନ ସମସ୍ୟା ସୃଷ୍ଟି କରିଛି । ଭାରତ ପାଇଁ ମଧ୍ୟ ଏହି ପରିସ୍ଥିତି ଚିନ୍ତାଜନକ । ଯୁଦ୍ଧ ଆମର ବାଣିଜ୍ୟ ମାର୍ଗ ଉପରେ ପ୍ରଭାବ ପଡୁଛି । ଏହାଦ୍ୱାରା ପେଟ୍ରୋଲ, ଡିଜେଲ, ରାନ୍ଧଣ ଓ ସାରର ନିୟମିତ ଯୋଗାଣ ପ୍ରଭାବିତ ହୋଇଛି ବୋଲି ସେ କହିଛନ୍ତି । ଦ୍ରୁତ ପରିବର୍ତ୍ତନଶୀଳ ପରିସ୍ଥିତି ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ଭାରତ ଉପରେ ଏହାର ପ୍ରଭାବକୁ ସୀମିତ କରିବା ପାଇଁ ନିରନ୍ତର ପଦକ୍ଷେପ ନିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ମୋଦୀ କହିଛନ୍ତି, ଆମ ଅର୍ଥନୀତିର ମୂଳଭୂତ ମଜଭୁତ । ସରକାର ପ୍ରତ୍ୟେକ ପରିବର୍ତ୍ତିତ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ସମ୍ପୂର୍ଣ୍ଣ ଗମ୍ଭୀରତାର ସହ ନିଷ୍ପତ୍ତି ନେଉଛନ୍ତି । ଏହି ସଙ୍କଟ ଭିନ୍ନ ପ୍ରକାରର ଏବଂ ଏହାର ସମାଧାନ ପାଇଁ ମଧ୍ୟ ଭିନ୍ନ ଭାବରେ କାର୍ଯ୍ୟ କରାଯାଉଛି । ଆମକୁ ଧୈର୍ଯ୍ୟ, ସଂଯମ ଓ ଶାନ୍ତ ମନର ସହିତ ପ୍ରତ୍ୟେକ ଆହ୍ୱାନର ମୁକାବିଲା କରିବାକୁ ପଡିବ । ଅତ୍ୟାବଶ୍ୟକ ସାମଗ୍ରୀର ଜଳାବକାରୀ ଓ ବେଆଇନ ମହଜୁଦ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଗରିବ ଓ ପ୍ରବାସୀ ଶ୍ରମିକଙ୍କ ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଲାଗି ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ଅନୁରୋଧ କରିଛନ୍ତି । ଭୋଲିଡ୍ ସମୟରେ ସମ୍ବିତ ପ୍ରତିକ୍ରିୟାକୁ ମନେ ପକାଇ ସେ ବର୍ତ୍ତମାନର ସଙ୍କଟରେ ସମାନ 'ଟିମ୍ ଇଣ୍ଡିଆ' ଆଭିମୁଖ୍ୟ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀର ସୁଗମ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଯଥାଶୀଘ୍ର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସେ କହିଛନ୍ତି ।

କୁଏତ ବିମାନବନ୍ଦରରେ ଅଗ୍ନିକାଣ୍ଡ:

ଇନ୍ଧନ ଟାଙ୍କିକୁ ଟାର୍ଗେଟ କଲା ଇରାନୀ ଡ୍ରୋନ୍

ତେହେରାନ/କୁଏତ ସିଟି,୨୫/୩: ଉପସାଗରୀୟ ଦେଶର ବିମାନ ଚଳାଚଳ ମନ୍ତ୍ରଣାଳୟ ବୁଧବାର ଦିନ କହିଛି, କୁଏତ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଇରାନୀ ଡ୍ରୋନ୍ ଇନ୍ଧନ ଟାଙ୍କି ଉପରେ ମାଡ଼ ହୋଇଛି । ଯାହା ଫଳରେ ନିଆଁ ଲାଗିଯାଇଛି । ଏହି ଘଟଣାରେ କୌଣସି କ୍ଷୟକ୍ଷତିର ଖବର ନାହିଁ। ପ୍ରାରମ୍ଭିକ ସୂଚନା ଅନୁସାରେ, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଜେନେରାଲ ଅନଲାଇନରେ ପ୍ରକାଶିତ ଏକ ବିବୃତିରେ କହିଛି ଯେ, ଆକ୍ରମଣ କେବଳ ସୀମିତ କ୍ଷତି କରିଛି । ମୁଖପାତ୍ର ଅବଦୁଲ୍ଲା ଅଲ-ରାଜି କହିଛନ୍ତି, ସମ୍ପୃକ୍ତ କର୍ତ୍ତୃପକ୍ଷ କରୁଣାକାଳୀନ ପ୍ରକ୍ରିୟା କାର୍ଯ୍ୟକାରୀ କରିଛନ୍ତି ଏବଂ ନିଆଁ ନିୟନ୍ତ୍ରଣ ପାଇଁ ଅଗ୍ନିଶମ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି । ପୂର୍ବରୁ ମାର୍ଚ୍ଚ ୧୪ ତାରିଖରେ, ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ରିପୋର୍ଟ କରିଥିଲେ ଯେ ଏକାଧିକ ଡ୍ରୋନ୍ ଦ୍ୱାରା ଆକ୍ରମଣ ବିମାନବନ୍ଦରରେ ଟାର୍ଗେଟ କରି କରାଯାଇଥିଲା । ଫଳରେ ରାଡାର ସିଷ୍ଟମ କ୍ଷତିଗ୍ରସ୍ତ ହୋଇଥିଲା । ସେହିପରି ମାର୍ଚ୍ଚ ୮ ତାରିଖରେ, ବିମାନ ବନ୍ଦରରେ ଇନ୍ଧନ ଟାଙ୍କିଗୁଡ଼ିକୁ ଟାର୍ଗେଟ କରି ଡ୍ରୋନ୍ ଆକ୍ରମଣ କରାଯାଇଥିଲା । ସାଉଦି ଯୁବରାଜ ଏହାକୁ ମଧ୍ୟପ୍ରାଚ୍ୟକୁ ପୁନଃଗଠନ କରିବାର ଏକ ଐତିହାସିକ ସୁଯୋଗ ବୋଲି କହୁଛନ୍ତି । ଯୁବରାଜ ଟ୍ରମ୍ପଙ୍କୁ ଏହି ବାର୍ତ୍ତା ଦେଇଛନ୍ତି ଯେ ଇରାନର ମୌଳବାଦୀ ସରକାରକୁ ଦୂର କରିବା ଦିଗରେ ଆଗକୁ ବଢ଼ିବା ଉଚିତ । ଯୁବରାଜ ଇରାନକୁ ଉପସାଗର ଅଞ୍ଚଳ ପାଇଁ ଏକ ଦୀର୍ଘକାଳୀନ ବିପଦ ବୋଲି କହିଛନ୍ତି ।

ଥମୁନି ଏସସିବି ତାତି:

ବିଧାନସଭାକୁ କଳା ଟି ସାର୍ଟ ପିନ୍ଧିକି ଆସିଲେ ବିରୋଧୀ

ଭୁବନେଶ୍ୱର,୨୫/୩(ନି/ପ୍):ଏସସିବି ଅଣ୍ଟିକାଣ୍ଡ ଘଟଣାରେ ବିରୋଧୀମାନେ ଲାଗାତାର ବିରୋଧ କରି ଆସୁଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଉଛି । ଯାହାଫଳରେ ଗୃହକାର୍ଯ୍ୟ ସ୍ଥାଣ୍ଡିକ ହୋଇପାରୁନି । ଆଜି ବି ଗୃହ ଆରମ୍ଭରୁ ବିରୋଧୀ ବିଧାୟକମାନେ ହଟଗୋଳ କରିଛନ୍ତି । ବିଧାନସଭାକୁ କଳା ଟି ସାର୍ଟ ପିନ୍ଧିକି ଆସିଥିଲେ ବିରୋଧୀ । ଏସସିବି ଘଟଣାକୁ ନେଇ ଉଭୟ କଂଗ୍ରେସ ବିଜେଡି ବିଧାୟକ ଅଭିନବ ପ୍ରତିବାଦ କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ, ଶକ୍ତିଶାଳୀ ସ୍ୱାସ୍ଥ୍ୟ ମନ୍ତ୍ରୀ ଲେଖାଥିବା ଟି ସାର୍ଟ ପିନ୍ଧି ହୋ-ହାଲ୍ଲା କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନଦେବା ଯାଏଁ ବିରୋଧ ଜାରି ରହିବ ବୋଲି କହିଛନ୍ତି ବିରୋଧୀ । ଅନ୍ୟପଟେ ଜାଣିଶୁଣି ବିରୋଧୀ ଗୃହକାର୍ଯ୍ୟ ବନ୍ଦ କରୁଥିବା ଅଭିଯୋଗ କରିଛି ଶାସକ ଦଳ । ବିରୋଧୀଙ୍କ ହଟଗୋଳ ଯୋଗୁଁ ବାଚସ୍ପତି ଗୃହକୁ ତିନ ୧୧ତା ୩୦ ଯାଏଁ ମୁଲବତୀ କରିଥିଲେ ।

ବସ୍ ଉପରେ ପଡ଼ିଲା ଗଛ, ଅଳ୍ପକେ ବର୍ତ୍ତିଲେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ

ବିଶପହଣ୍ଡି, ୨୫।୩(ନି/ପ୍) : ଚାଲକ ରଚିଲା ଜାଳବୈଶାଖୀ । ଓଏସଆରଟିସି ବସ୍ ଉପରେ ପଡ଼ିଲା ବିରାଟ ଗଛ । ଅଳ୍ପକେ ବର୍ତ୍ତିଲେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ । ଗଂଜାମ ଜିଲ୍ଲା ବିଶପହଣ୍ଡି କୁଲ୍ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମରେ ଘଟଣା ଘଟିଛି । ବିଶପହଣ୍ଡି ରୁ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମକୁ ଯାଉଥିଲା ଓଏସଆରଟିସି ବସ୍। ଜାଳବୈଶାଖୀ ଯୋଗୁଁ ରାସ୍ତାରେ ଥିବା ବିରାଟ ଗଛ ଭାଙ୍ଗି ବସ୍ ଉପରେ ପଡିଥିଲା । ଗଛ ପଡିବାରୁ ବସ୍ ଭାଙ୍ଗିଯାଇଛି । ତେବେ କୌଣସି ଯାତ୍ରୀ ଆହାତ ହୋଇନଥିବା ସୂଚନା ମିଳିଛି ।

ପରାଜୟକୁ ଚୁକ୍ତି ବୋଲି କୁହନ୍ତୁ ନାହିଁ:

ଟ୍ରମ୍ପଙ୍କ ପ୍ରସ୍ତାବକୁ କଟାକ୍ଷ କଲା ଆଇଆରଜିସି

ତେହେରାନ,୨୫/୩: ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ଖାତମ ଅଲ-ଆନକିୟା କେନ୍ଦ୍ରୀୟ ମୁଖ୍ୟାଳୟର ମୁଖପାତ୍ର ଆମେରିକା ପକ୍ଷରୁ କରାଯାଉଥିବା ପ୍ରଚାରକୁ କଟାକ୍ଷ କରିଛନ୍ତି। ସ୍ଥିତିକୁ ଏକ କୂଟନୈତିକ ସଫଳତା ଭାବରେ ଉପସ୍ଥାପନାକୁ ବିରୋଧ କରି ସେ ଚେତାବନୀ ଦେଇଛନ୍ତି, ପରାଜୟକୁ ଏକ ଚୁକ୍ତିନାମା ବୋଲି କୁହନ୍ତୁ ନାହିଁ। ଖାତମ-ଆଲ-ଆନକିୟା ମୁଖ୍ୟାଳୟର ମୁଖପାତ୍ର ଆମେରିକା ପକ୍ଷରୁ କରାଯାଉଥିବା ପ୍ରଚାରକୁ କଟାକ୍ଷ କରିଛନ୍ତି। ସ୍ଥିତିକୁ ଏକ କୂଟନୈତିକ ସଫଳତା ଭାବରେ ଉପସ୍ଥାପନାକୁ ବିରୋଧ କରି ସେ ଚେତାବନୀ ଦେଇଛନ୍ତି, ପରାଜୟକୁ ଏକ ଚୁକ୍ତିନାମା ବୋଲି କୁହନ୍ତୁ ନାହିଁ। ଖାତମ-ଆଲ-ଆନକିୟା ମୁଖ୍ୟାଳୟର ମୁଖପାତ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଖୋ-ଖୋ କ୍ରୀଡ଼ା ଅନୁଷ୍ଠିତ

କେନ୍ଦୁଝର,୨୫/୩(ନି/ପ୍ର):ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗ୍ରାମାଂଚଳରୁ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପଙ୍ଗଚାଳନା ପାଇଁ ଆରମ୍ଭ ହୋଇଛି 'ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬' । ଏହି କ୍ରମରେ ଆଜି କେନ୍ଦୁଝର ଜିଲ୍ଲାର ପାଂଚଟି ପ୍ରମୁଖ ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅୟୋଜିତ 'ଖୋ-ଖୋ' କ୍ରୀଡ଼ା ଚୟନ ପ୍ରକ୍ରିୟା ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୬ରୁ ୧୪ ବର୍ଷ ବୟସ୍କ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ପିଲାମାନଙ୍କ ମଧ୍ୟରେ ଖୋ-ଖୋ ଖେଳ ପ୍ରତି ଥିବା ଆଗ୍ରହ ଦେଖିବାକୁ ମିଳିଥିଲା । ଅଭିଭାବକମାନେ ମଧ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ସ୍ଥାନୀୟ କ୍ରୀଡ଼ା ପ୍ରଶିକ୍ଷକ ଓ ଅଧିକାରୀମାନେ ପିଲାମାନଙ୍କର ଶାରୀରିକ ସାମର୍ଥ୍ୟ ଏବଂ ଖେଳ କୌଶଳର ପରୀକ୍ଷା କରିଥିଲେ । ଡି.ଡି. ଷ୍ଟୋର୍ସ କମ୍ପ୍ଲେକ୍ସ, ଶଙ୍କରପୁର, ନେହେରୁ ଷ୍ଟାଡିୟମ ଚମ୍ପୁଆ ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଏହି କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟର ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ଚୟନ ପ୍ରକ୍ରିୟା ମାଧ୍ୟମରେ ଆଗାମୀ ଦିନରେ ଜିଲ୍ଲା ତଥା ରାଜ୍ୟ ପାଇଁ ଦକ୍ଷ ଖୋ-ଖୋ ଖେଳାଳି ସୃଷ୍ଟି ହୋଇପାରିବେ ବୋଲି କ୍ରୀଡ଼ା ବିଭାଗ ଆଶା ପ୍ରକାଶ କରିଛି ।

ଜଳ ଜୀବନ ମିସନ ମହିଳାମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫/୩(ନି/ପ୍ର): ଓଡିଶାରେ ଜଳ ଜୀବନ ମିସନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରାଳୟ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ହୋଇଛି । ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲ ଏବଂ ରାଷ୍ଟ୍ର ମନ୍ତ୍ରୀ ବି. ସୋମନ୍ନା ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ଜଳ ଜୀବନ ମିସନ ଆରମ୍ଭ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧନ୍ୟବାଦ ଜଣାଇ କହିଥିଲେ ଯେ, ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ପାଣି ସଂଯୋଗ ମିଳିଛି । କେନ୍ଦ୍ର କ୍ୟାବିନେଟ ଦ୍ୱାରା ଏହି ମିସନର ସମ୍ପୃସାରଣ ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ଓ 'ହର ଘର ଜଳ' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ । ସେ କହିଥିଲେ ଯେ, ଜଳ ଜୀବନ ମିସନ ୨.୦ ଅନୁଯାୟୀ ରାଜ୍ୟ ସରକାର ଏକ ସ୍ୱଚ୍ଛ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ଅପରେସନ୍ ଆଣ୍ଠ ମେଟାଂନାନ୍ଦ୍ ପଲିସି ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରୀ, ଆର୍ଥିକ ସ୍ଥିରତା ଓ ସଠିକ୍ ରକ୍ଷଣାବେକ୍ଷଣ ଉପରେ ଜୋର ଦିଆଯାଇଛି । ସୁଜଳମ୍ ଭାରତ ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୫,୦୦୦ ଗ୍ରାମୀଣ ପାଇପ୍ ଜଳ ଯୋଜନାର ଆଲଟି ପ୍ରସ୍ତୁତ କରାଯାଇଛି ଓ ସମସ୍ତ ଯୋଜନାର ବିମାସ୍ତ ସମ୍ପତ୍ତିର ସମ୍ପନ୍ନ ହୋଇଛି । ଓଡିଶାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦିନକୁ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ଏହି ମିସନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି । ବସୁଧା ହେଲ୍ପଲାଇନ୍, ହ୍ୱାଟ୍ସଆପ୍ ସେବା ଓ ଡିଜିଟାଲ୍ ଗ୍ରାଭାନ୍ସ ପ୍ଲାଟଫର୍ମ ମାଧ୍ୟମରେ ସିଟିଜେନ୍-ସେଣ୍ଟିକ୍ ସେବାକୁ ଶକ୍ତିଶାଳୀ କରାଯାଇଛି । ଗ୍ରାମସ୍ତରରେ ଠସକ୍ଷଷଣ୍ଡଶର ଡବ ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି ବୃଦ୍ଧି ପାଇଛି ଓ ୩୦ଟି ଜିଲ୍ଲାରୁ ୨୫ଟି ଜିଲ୍ଲାରେ "ଜଳ ଅର୍ପଣ ଦିବସ" ସଫଳତାର ସହିତ ପାଳନ ହୋଇଛି । ବାକି ସବୁ ଜିଲ୍ଲାରେ ମଧ୍ୟ ଶୀଘ୍ର କରାଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ମିସନ ମହିଳାମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଛି, ଭାରତ ବର୍ଜାମାନ ସମୟରେ ସେମାନଙ୍କୁ ପାଣି ପାଇଁ ଦୂରକୁ ଯିବାକୁ ପଡୁନାହିଁ । ଓଡିଶାରେ ଜଳ ଶକ୍ତି ଅଭିଯାନ ଏକ ଜନଆନ୍ଦୋଳନର ରୂପ ନେଇଛି । ଏହା ଅନ୍ତର୍ଗତ ୨.୨୧ ଲକ୍ଷ ଜଳ ସଂରକ୍ଷଣ ଓ ବର୍ଷାଜଳ ସଂଗ୍ରହ କ୍ଷୁଦ୍ରର, ୪୩ ହଜାରରୁ ଅଧିକ ଜଳାଶୟ ପୁନରୁଦ୍ଧାର, ୪୨ ହଜାର ଭୂପୃଷ୍ଠ ଜଳ ପୁନର୍ଭରଣ ଓ ୨ ଲକ୍ଷରୁ ଅଧିକ ଖାତରଶେଚ୍ କାର୍ଯ୍ୟ ସମ୍ପନ୍ନ ହୋଇଛି । ସେହିପରି ୨ କୋଟିରୁ ଅଧିକ ଗଛ ରୋପଣ କରାଯାଇଛି । ଏହି ଅବସରରେ କେନ୍ଦ୍ର ଜଳ ଶକ୍ତିମନ୍ତ୍ରୀ ସି. ଆର ପାଟିଲ କହିଥିଲେ ଯେ ୨୦୨୪ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୬-୨୦୨୮ ପର୍ଯ୍ୟନ୍ତ ଜଳ ଜୀବନ ମିସନ ୨.୦ ମାଧ୍ୟମରେ ସମ୍ପୃସାରିତ କରାଗଲା । ଏହି ମିସନ ମହିଳାଙ୍କ ଜୀବନରେ ସୁଧାର ଆଣିବ । ଓଡ଼ିଶାରେ ଯେଉଁଠାରେ ପାଣିର ଅଭାବ ରହିଛି ସେଠାରେ ପାଣିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏହି ମିସନ । ଏହି କାର୍ଯ୍ୟକ୍ରମରେ ପଟ୍ଟାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କେନ୍ଦ୍ର ପାନୀୟ ଜଳ ଓ ସ୍ୱଚ୍ଛତା ବିଭାଗ ସଚିବ ଅଶୋକ ମୀନା, ଜନୁସନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେବରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପଟ୍ଟାୟତିରାଜ ଓ ପାନୀୟ ଜଳ ବିଭାଗର କମିସନର-ତଥା-ସଚିବ ଗିରିଶ ଏସ୍.ଏନ୍ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଟ୍ରାକ୍ଟର୍ ଓଲଟି ୧ ମୃତ ଓ ୩ ଆହତ

କେନ୍ଦୁଝର,୨୫/୩(ନି/ପ୍ର): କେନ୍ଦୁଝର ଜିଲ୍ଲା ଜାଙ୍ଗିପାଣି ଥାନା ଅନ୍ତର୍ଗତ ଉପରପଶସନସା ଗାଁରେ ଘଟିଛି ଅଘଟନୀୟ ଘଟଣା । ରାସ୍ତାକାମ ପାଇଁ ଟ୍ରାକ୍ଟର୍ ରେ ମେଂଟାଲ ପାଇଁ ଆଣୁଥିବାବେଳେ ଖିରିଜାଙ୍ଗିପାଣି ଠାରୁ ଉପରପଶସନସା ଘାଟିରାସ୍ତାରେ ଭାରସାମ୍ୟ ହରାଇ ଟ୍ରାକ୍ଟର୍‌ଟି ଓଲଟି ପଡିଥିଲା । ଯାହା ଫଳରେ ଜଣଙ୍କର ମୃତ୍ୟୁ ହେବ ସହିତ ୩ ଜଣ ଆହତ ହୋଇଥିଲେ । ମୃତକ ଜଣକ ସେହି ଗ୍ରାମର ଅଣି କୁଆଙ୍ଗ ବୋଲି ସୂଚନା ମିଳିଛି । ବିଏମିଫଡ୍ ଦ୍ୱାରା ହେଉଥିବା ରାସ୍ତା କାମରେ ସେ ପ୍ରତିଦିନ ଜଣେ ଶ୍ରମିକ ଭାବେ କାମ କରୁଥିଲେ । ଆହତ ୩ଜଣ ମଧ୍ୟ ସେହି ଗ୍ରାମର ଯମୁନି କୁଆଙ୍ଗ, ଓ ମିଟୁ କୁଆଙ୍ଗ ଓ ଜାତିକ କୁଆଙ୍ଗ । ସେମାନଙ୍କୁ ପ୍ରଥମେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ, ସ୍ଥିତି ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି ।

ଆନନ୍ଦପୁର ଉପଜିଲ୍ଲାପାଳ ନିଳମାଧବ ସୁନା ଆନନ୍ଦପୁର ବ୍ଲକ ବାରିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି

ବାଇକ୍-ବୋଲେରୋ ଧକ୍କା : ୨ ମୃତ

ଜୟପୁର,୨୫/୩(ନି/ପ୍ର): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ଘୋଡରିପୁଟ ନିକଟରେ ବାଇକକୁ ଧକ୍କା ଦେଇଛି ଏକ ବୋଲେରୋ । ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ମାନେ ହେଲେ ଜୟପୁର ସହର ଗୋଡିଆ ଧୋବା ସାହିର ଲାଲୁ ଖରା (୨୫) ଏବଂ କୃଷିଆ କୋଲନିର ପିଟୁ ଜାନା (୪୪) । ପୋଲିସର ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତ୍ରରେ ବୋଲେରୋଟି ବୈପାରିଗୁଡା ଅଭିମୁଖେ ଯାଉଥିବା ବେଳେ ବାଇକଟି ଜୟପୁର ଅଭିମୁଖେ ଆସୁଥିବା ସମୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକରେ ଥିବା ୨ ଜଣ ଗୁରୁତର ହୋଇ ପଡିଥିଲେ । ଗୁରୁତର ଅବସ୍ଥାରେ ବୁଡ଼ିଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣାଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ପରେ ସମ୍ପର୍କୀୟମାନେ ଥାନାରେ ପଙ୍ଗଚି ଅତିପୁରଣ ଦାବି କରିଥିଲେ । ଏମିତିକି ଜୟପୁର ସଦର ଥାନା ସମ୍ମୁଖରେ ଚାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ଶହ ଶହ ଗାଡ଼ି ଉଭୟ ପଟେ ଅଟକି ରହିଥିଲା । ଫଳରେ ସଦର ଥାନା ଅଧିକାରି ରାମଶାବ ଢେବି ଓ ଜନସଂପର୍କର ସଚିବୁ ପ୍ରଧାନ ପଙ୍ଗଚି କୁଣ୍ଡା ସୁଣ୍ଡା କରିଥିଲେ । ବୋଲେରୋ ମାଲିକ ୨ ଲକ୍ଷ ଟଙ୍କା ଓ ରେଡକ୍ରସ ଫାଣ୍ଡିରୁ ୨୦ ହଜାର ଦେବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତା ରୋକରୁହଟିଥିଲେ । ପରେମୃତ ୨ ଜଣଙ୍କର ଶବକୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ଜିଲ୍ଲାପାଳଙ୍କ ଜନଶୁଣାଣି: ୮୦ଟି ଆବେଦନ ମଧ୍ୟରୁ ଅନେକ ସମସ୍ୟାର ତୁରନ୍ତ ସମାଧାନ

ମାଲକାନଗିରି,୨୫/୩(ନି/ପ୍ର): ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଏବଂ ସରକାରୀ ସେବାକୁ ଲୋକଙ୍କ ନିକଟତର କରିବା ଲକ୍ଷ୍ୟରେ ମାଥିଲି ବ୍ଲକ ଅନ୍ତର୍ଗତ କମାରପଲ୍ଲୀ ଗ୍ରାମପଞ୍ଚାୟତ ପରିସରରେ ଆଜି ଏକ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍ଦ୍ଦେ ଜନ ସାଧାରଣଙ୍କ ଅଭିଯୋଗ ଶୁଣି ଥିବା ବେଳେ ଆକାଶୀ ଅଧ୍ୟକ୍ଷ ବିନୋଦ ପାଟିଲ ଏସ୍. ଏଂ ବନଖଣ୍ଡ ଅଧିକାରୀ ସାର ଜିରଣଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଶିବିରରେ ମୋଟ ୮୦ଟି ଅଭିଯୋଗ ପତ୍ରଗ୍ରହଣ କରାଯାଇଥିଲା । ଏଥିମଧ୍ୟରୁ ୫୦ଟି ସାମୁହିକ ବା ଗ୍ରାମ୍ୟ ସମସ୍ୟା ହୋଇଥିବା ବେଳେ ୨୮ଟି ବ୍ୟକ୍ତିଗତ ସମସ୍ୟା ରହିଥିଲା । ଏକାଧିକ ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହ ବକେଜା ଆବେଦନଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସଂପନ୍ନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଜଡ଼ା ନିର୍ଦ୍ଦେଶ ଦେବଇଛନ୍ତି ।

କଦମପଡା ସ୍ଥିତ କାଂଶୀରାମ କ୍ଲବରେ କାଂଶୀରାମ ଜୟନ୍ତୀ ପାଳିତ

ବଲାଙ୍ଗିର,୨୫/୩(ନି/ପ୍ର): ବଲାଙ୍ଗିର ଜଦମପଡା ସ୍ଥିତ କାଂଶୀରାମ କ୍ଲବ ଚରଫରୁ ବାବା ସାହେବ କାଂଶୀରାମଙ୍କ ୯୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ସକାଳେ କ୍ଲବର କର୍ମକର୍ତା ତଥା ସଭ୍ୟମାନେ ଏକ ଭବ୍ୟ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ କଳେରୀ ଛକ ସ୍ଥିତ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜଦମପଡା ସ୍ଥିତ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରିବା ସହିତ ମାଲଗୋଦାମପଡା ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପରେ ଜଦମପଡା ଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଆୟୋଜକ କମିଟିର ସଭାପତି ମନୋଜ କୁମାର ବୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୌରପାଳିକାର ଅଧକ୍ଷା ଲିକା ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଲକ୍ଷ୍ମୀ କୁମାର ମେହେର, ସ୍ୱତନ୍ତ୍ର ବକ୍ତା ଭାବରେ ଶିକ୍ଷାବିତ୍ ନେପାଳ ବାଗ, ସଦ୍ଧାନିତ ଅତିଥି ଭାବରେ କାଉନସିଲର ଶମ୍ଭୁ ନାଗ, ଭଶମଚ ଆରା ଖାନ, ପ୍ରତିମା ଛତ୍ରିଆ, ବାସୁଦେବ ମୁଣ୍ଡା, ସତ୍ୟପୀର ପାତ୍ର, ନିକେଶ କୁମାର, ସୀତାରାମ କୁମାର ଓ କିଶୋର କୁମାର ପ୍ରମୁଖ ଯୋଗ ଦେଇଥିଲେ । କାଂଶୀରାମ ସାହେବ ଭାରତ ବର୍ଷରେ ଏକ ନୂଆଁ ରାଜନୀତିର ସମିଜଲର ତିଆରି କରିବା ସହିତ ବହୁଜନ ଜିଲକି ଭାବରେ ଶାସନ କ୍ଷମତାକୁ ଆସିବେ ସେହି ଉପରେ ବକ୍ତାମାନେ ମତବ୍ୟକ୍ତ କରିବା ସହିତ କାଂଶିରାମଙ୍କ ସଂଘର୍ଷର ଗାଥା ବର୍ଣ୍ଣନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଗତ ବର୍ଷ ଓଡିଶା ପ୍ରଶାସନିକ ସେବାରେ ସଫଳତା ହାସଲ କରିଥିବା ଆଶିଷ ସୁନା, ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁର, ଦଳିତ ସମାଜର ଅଧାପିକା ଭାବରେ ଚାକିରି କରୁଥିବା ନିହାରିକା ନାଗ, ରାଜ୍ୟସ୍ତରର ଖୋଖୋ ଖେଳାଳି ପ୍ରୀୟବ୍ରତ ନାଗ, ବିଶିଷ୍ଟ ସମାଜସେବୀ ନରସିଂହ ଦାସ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୁ ହ୍ୟୁମେନ ଫାଉଣ୍ଡେସନ ଓ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଚଳିତ ବର୍ଷ ନବୋଦୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀ ଆରାଧ୍ୟା କୁମାର ମଧ୍ୟ ସମ୍ବାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ କ୍ଲବ ର ସଂପାଦକ ନେପାଳ ବାଗ, ସଭ୍ୟ ଫୁଲୁ ବାଗ, ଅଜିତ ନାଗ, ଚନ୍ଦ୍ରମଣି ବରିହା, ଶୁଶିଲ ହରିପାଲ, ଟିଙ୍କୁ ବାଗ, ବିଷ୍ଣୁ ବୀପ, ସୁରଥ କୁଅଁର, ବୃଷଭ ବାଗ, ଗାନ୍ଧୀ ନାଗ, ମୁକେଶ ନାଗ, ସନ୍ତୋଷ କୁମାର, ଟିଙ୍କୁ ବାଗ, ବିକି କୁମାର, ସୁପାଲ ବାଗ, ରାଜିନ ମହାନନ୍ଦ, ଆବି କୁମାର, ରାମକୃଷ୍ଣ କୁମାର, ସୁଜିତ ବୀପ, ଶ୍ରୀକାନ୍ତ କୁମାର, ବୁଦ୍ଧୁକ ନନ୍ଦ ଓ ପୂର୍ଣ୍ଣଚନ୍ଦ୍ର ନାଗ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବେ ଶିକ୍ଷକ ପୂର୍ଯ୍ୟମଣି ବୀପ ଓ ଧନ୍ୟବାଦ ସମ୍ବାଦିକ ଜୁନା ବାଗ ।

କ୍ରାଇମ୍ ସିନ୍ ରିକ୍ରିଏସନ୍ କଲା ପୋଲିସ, ଅଭିଯୁକ୍ତ କୋର୍ଟଚାଲାଣ

ବାରିପଦା,୨୫/୩(ନି/ପ୍ର): ମୟୂରଭଞ୍ଜ ଜିଲ୍ଲା ଜରଣ୍ଡିଆ ଥାନା ଅଂଚଳର ବଣ ସାହି ଖୁର୍ଦ୍ଦ ନୟର ୧୫ ରଞ୍ଜନ କୁମାର ବିଶ୍ୱାଶିଙ୍କ ନାବାଳିକା ଝିଅ ତଥା ଛାତ୍ରୀ ହତ୍ୟା ଘଟଣାର ୨୪ ଘଂଟା ମଧ୍ୟରେ ଅଭିଯୁକ୍ତ ଟିୟୁସନ ମାଷ୍ଟରଙ୍କୁ ପୁଲିସ ଗିରଫ କରିବା ସହିତ ଆଜି ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଇଛି । ପରେ ତାକୁ କୋର୍ଟଚାଲାଣ କରାଯାଇଛି । ଅଭିଯୁକ୍ତ ଡ୍ରିଲୋଚନ ମହାଳୁଡ଼ି ବି. ଇ. ଓ. ଅଫିସରେ କାର୍ଯ୍ୟ କରୁଥିଲା ଓ ଛାତ୍ରଛାତ୍ରୀଙ୍କୁ ଟିଉସନ ମଧ୍ୟ କରୁଥିଲା । ଗତ ୨୦୨୨ ମସିହା ଠାରୁ ହତ୍ୟାକାରୀ ଡ୍ରିଲୋଚନ ମହାଳୁଡ଼ ଉକ୍ତ ଛାତ୍ରୀ ମାନସୀ ବିଶ୍ୱାଶିଙ୍କୁ ଟିଉସନ କରୁଥିଲେ । ସେହି ସମୟରୁ ଡ୍ରିଲୋଚନ ଛାତ୍ରୀଙ୍କ ପ୍ରତି ବ୍ୟବହାର ଅତି କଦର୍ଯ୍ୟ ଥିଲା । ଫଳରେ ମୃତ ମାନସୀର ପିତା ମାତା ଅଭିଯୁକ୍ତ ପ୍ରତି ଜଟୁ ସମାଲୋଚନା କରୁଥିଲେ ଓ ଗାଳି ଗୁଲଜ କରୁଥିଲେ । ପରେ ତାକୁ ଟିଉସନରୁ ନିବୃତ କରିଥିଲେ । ଫଳରେ ଟିଉସନ କରିବାରେ ତା' ପ୍ରତି ଲୋକଙ୍କ ବଦନାମ ଉଠି ଥିବାରୁ ସେ ରାଗ ରଖିଥିଲା । ଗତ ୨୦ ତାରିଖ ଦିନ ଟିଉସନ ମାଷ୍ଟର ଡ୍ରିଲୋଚନ ଉକ୍ତ ଛାତ୍ରୀ ମାନସୀକୁ ତାକି କଥା ହେବ ବୋଲି କହିଥିଲା । ଫଳରେ ତା' କଥାରେ ମାନସୀ ସନ୍ଧ୍ୟା ୭ଟାରେ ଘରୁ ଚାଲି ଆସିଲା । ବଣ ସାହିର ଜାଠ ଗୋଲା ନିକଟରେ ଥିବା ବାଉଁଶ ବଣରେ ମାନସୀକୁ ଧରି ତା ଓଢ଼ଣି ଚିପି ଦେଇଥିଲା ଓ ପରେ ପରେ ନିଜ ବେଲ୍ଟ ସାହାଯ୍ୟରେ ତା ବେକକୁ ଚିପି ଧରିଥିଲା । ଉକ୍ତ ହତ୍ୟାକାଣ୍ଡ ଘଟାଇବା ପାଇଁ ଡ୍ରିଲୋଚନ ମହାଳୁଡ଼ ପ୍ରସ୍ତୁତ ହୋଇଥିଲା । ହତ୍ୟା କରିବା ପାଇଁ ଟିଉସନ କାର୍ଯ୍ୟ ଅଧାରୁ ଛାଡି ପଳାଇ ଆସିଥିଲା ଓ ମୃତ ଶରୀର ନେବା ପାଇଁ ବୁଇଟି ବ୍ୟାଗ ଯୋଗାଡ଼ କରିଥିଲା ତା' ସହିତ ଏକ ଝୁଟି ମଧ୍ୟ ଆଣିଥିଲା । ମାନସୀ ନିଖୋଜ ହେବାପରେ ପରିବାର ପକ୍ଷରୁ ଖୋଜା ଖୋଜି କରାଯାଇଥିଲା ଓ ଥାନାରେ ମଧ୍ୟ ଅଭିଯୋଗ କରାଯାଇଥିଲା । ଅଭିଯୋଗରେ ପିତା ରଞ୍ଜନ ବିଶ୍ୱା

ବିବିଧା



ତାମିଲନାଡୁରେ ରଣବୀରଙ୍କ 'ଧୁରନ୍ଧର-୨'କୁ ବ୍ୟାନ୍ ଦାବି

ରଣବୀର ସିଂହ ଷ୍ଟାରର 'ଧୁରନ୍ଧର: ଦ ରିଭେଞ୍ଜ'କୁ ନେଇ ବିବାଦ ଅସୁରାଛି । ଏବେ ତାମିଲନାଡୁରେ ଫିଲ୍ମ ପ୍ରଦର୍ଶନରେ ରୋକ ଲଗାଇବାକୁ ଦାବି ଉଠିଛି । ମାମଲା ମାଡ୍ରାସ ହାଇକୋର୍ଟରେ ପହଞ୍ଚିଛି । ନିର୍ବାଚନ ମାହୋଲରେ ଫିଲ୍ମ ରିଲିଜକୁ ନେଇ ଆପତ୍ତି ହେଉଛି । ଓକିଲ ଶାନ୍ତା ମାଡ୍ରାସ ହାଇକୋର୍ଟରେ ତତ୍କାଳ ଶୁଣାଣି ଦାବି କରି ଫିଲ୍ମକୁ ବ୍ୟାନ କରିବାକୁ ଅପିଲ କରିଛନ୍ତି । ଅଭିଯୋଗକର୍ତ୍ତାଙ୍କ ଅନୁଯାୟୀ, ଫିଲ୍ମର କାହାଣୀ ଓ ବିଷୟ ରାଜନୈତିକ । ଏହି ସ୍ଥିତିରେ ନିର୍ବାଚନ ପୂର୍ବରୁ ଏହାର ପ୍ରଦର୍ଶନ ଆଚରଣ ସଂହିତାକୁ ଲଙ୍ଘନ କରିପାରେ । ତେବେ କୋର୍ଟ ଏହି ମୌଖିକ ଆବେଦନ ଉପରେ ତୁରନ୍ତ ରୋକ ଲଗାଇବାକୁ ପ୍ରତ୍ୟାଖ୍ୟାନ କରି ଅଭିଯୋଗକର୍ତ୍ତାଙ୍କୁ ଔପଚାରିକ ଆବେଦନ ଦାଖଲ କରିବାକୁ କହିଛନ୍ତି । ଲିଖିତ ଆବେଦନ ଦାଖଲ ପରେ ଏ ମାମଲାରେ ପରବର୍ତ୍ତୀ ଶୁଣାଣି ହେବ । ତାମିଲନାଡୁରେ ଆସନ୍ତା ମାସ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହି ସ୍ଥିତିରେ ରାଜନୈତିକ ବିମ୍ବ ସମ୍ବେଦନଶୀଳ ବିଷୟ-ଆଧାରିତ ଫିଲ୍ମକୁ ନେଇ ଲଭୟ ପ୍ରଶାସନ ଓ କୋର୍ଟ ସତର୍କ ଅଛନ୍ତି । ସେଥିପାଇଁ ଫିଲ୍ମର ରିଲିଜ୍ ସମୟ ଉପରେ ପ୍ରଶ୍ନବାଚୀ ଲାଗିଛି । 'ଧୁରନ୍ଧର-୨' ପ୍ରଥମରୁ ବିବାଦ ଘେରରେ ରହିଛି । ଦେଶର ବିଭିନ୍ନ ସ୍ଥାନରେ ଏହାର ବିଷୟବସ୍ତୁକୁ ନେଇ ବିରୋଧ ହୋଇଛି । ବିଭିନ୍ନ ନେତା ଓ ସଂଗଠନ ଏହାକୁ ରାଜନୈତିକ ଉଦ୍ଦେଶ୍ୟ-ପ୍ରଣୋଦିତ କହିଛନ୍ତି । 'ଧୁରନ୍ଧର୨' ହିନ୍ଦୀ ସମେତ ତାମିଲ, ତେଲୁଗୁ, ମାଲୟାଲମ ଓ କନ୍ନଡ଼ ଭାଷାରେ ମୁକ୍ତିଲାଭ କରିଛି । ଫିଲ୍ମକୁ ବହୁ ଅଫିସ୍‌ରେ ଭଲ ପ୍ରତିକ୍ରିୟା ମିଳୁଛି । ମାତ୍ର ୪ ଦିନରେ ଏହା ୭୫୦ କୋଟିରୁ ଅଧିକ କଲେକ୍ସନ୍ କରିଛି ।

ମାଛ-ଆଳୁ ବେସର

ଦେଶର ପ୍ରାୟ ଓଡ଼ିଆଙ୍କର ପ୍ରିୟ । ଅନେକ ସ୍ଥାନରେ ମାଛ ବେସର ଠାକୁରାଣୀଙ୍କ ପାଖରେ ଭୋଗ ଲାଗିବାର ନିୟମ ରହିଛି । ତେବେ ଆଜି ଆସନ୍ତୁ ପ୍ରସ୍ତୁତ କରିବା ମାଛ-ଆଳୁ ବେସର । ଅଳ୍ପ ସମୟରେ ଆର ଅଳ୍ପ ପରିଶ୍ରମରେ ପ୍ରସ୍ତୁତ କରିବା ଏହି ସୁସ୍ୱାଦିଷ୍ଟ ଆଇଟମ ତରକାରୀ।

ଆବଶ୍ୟକୀୟ ସାମଗ୍ରୀ

ମାଛ, ବେସର, ଲୁଣ, ହଳଦୀ

ପ୍ରସ୍ତୁତ ପ୍ରଣାଳୀ

କଞ୍ଚା ମାଛକୁ ଲୁଣ, ହଳଦୀ, ବେସର ପକେଇ ଭଲ ଭାବରେ ଗୋଳେଇବା ୩୦ ମିନିଟ ଛାଡ଼ିଦିଅନ୍ତୁ । ଆଳୁକୁ ପତଳା ପତଳା କାଟି (ନିଜ ହିସାବରେ ବି କରିପାରିବେ) ଆଙ୍ଗୁଠିଭଳି ସାଜୁଛି ବେସର । ତେବେ ମିଡିଅମ୍ ସାଇଜ ଆଳୁ ସବୁ କାଟି ରଖିବେ, କଞ୍ଚା ରାଇ ଦି ଭାରରେ କାଟିବେ (ଭାରୀ ଖାଇଥିଲେ ପରେପରେ, ନଥିଲେ ନାହିଁ) । ଗରମ କଡ଼େଇରେ ତେଲ ଫୁଟେଇ ଫୁଟେଇ ବେସର ସବୁଛକୁ ଏବଂ ଟିକେ ପରେ ଆଳୁ ପକେଇ ଆଉ ଥରେ ସବୁଛକୁ । ପାଣି ଦେଇ ସ୍ୱାଦ ଅନୁସାରେ ଲୁଣ ଓ ହଳଦୀ ଦେବେ । ଗୁଡ଼ି ଅସିଲେ ମାଛ, ପିଆଜ ଆଉ ରାଇ ପକେଇଦେବେ। ଦର ସିଝା ହେଲେ ଆସିଲେ ଆମ୍ବୁଲ ପକେଇ ଘୋଳେଇ ଦେବେ । ଆଳୁ ସିଝିଗଲେ ଓହ୍ଲେଇ ଅଣିଦେବ ।

ସ୍କିନ୍ କେୟାରରେ ସାମିଲ କରନ୍ତୁ ଫିଟିକିରି

ଗ୍ରୀଷ୍ମଋତୁରେ ବାଧାଜଣକ ଅନେକ ସମସ୍ୟା ଦେଖାଦେଇଥାଏ । ଖରା ଗରମ ପାଇଁ ଶରୀରରେ ପ୍ରଭାବ ପକାଇଥାଏ । ଖରା ଜାଳରୁ ମୁହଁରେ ମଧ୍ୟ ଦାଗ, କଳାପଣ, ଟ୍ୟାନ ଭଳି ସମସ୍ୟା ଦେଖାଦେଇଥାଏ । ଦେଖୁ ଗରମଦିନେ ସ୍କିନରେ ଅଧିକ ଯତ୍ନ ଆବଶ୍ୟକ । କିଛିଲୋକ ଜଣି ସ୍କିନ୍ କେୟାର ଉପାୟାଳନ କରିଥାନ୍ତି । ଅନେକ ଜିନିଷ ମଧ୍ୟ ମୁହଁରେ ବ୍ୟବହାର କରିଥାନ୍ତି । କିନ୍ତୁ ଆପଣ ଜାଣିଛନ୍ତି ବି ଫିଟିକିରି ଆମ ମୁହଁକୁ କେତେ ଲାଭ ଦେଇଥାଏ ଆସନ୍ତୁ ସେ ସମ୍ପର୍କରେ ଜାଣିବା ....

■ ଗ୍ରୀଷ୍ମ ଋତୁରେ, ସ୍କିନର ଅଧିକ ଯତ୍ନ ଆବଶ୍ୟକ । ପ୍ରଚଣ୍ଡ ଗରମ ବାତାବରଣ ସ୍କିନକୁ ଚିରାଚରେଇବାର ଜଣି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହା ସହିତ, ଖାଲ ଯୋଗୁଁ ସ୍କିନ୍ ସମସ୍ୟା ବଢ଼ିପାରେ । ଏପରି ପରିସ୍ଥିତିରେ, ଫିଟିକିରି କୁ ସ୍କିନ୍‌ର ଉପାୟରେ ଏବଂ ସ୍କିନ୍‌ର ସମୟରେ ବ୍ୟବହାର କରିବା ଦ୍ୱାରା ଦ୍ରୁତରୁ ଲାଭ ମିଳିଥାଏ ।

■ ଫିଟିକିରିର ପାଉଡ଼ାର : ଫିଟିକିରି ସ୍କିନ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ମାନାଯାଇଥାଏ । ଏହାକୁ ସ୍କିନ ପାଇଁ ପ୍ରାକୃତିକ ଉପଚାର ବୋଲି ମଧ୍ୟ କୁହାଯାଇଥାଏ । ଏଥିରେ ଅଣ୍ଟିବାୟୋଟିକ୍, ଅଣ୍ଟିଏଜିଙ୍କ୍ ଏବଂ ଅଣ୍ଟିଫଙ୍ଗେଲ୍ ଗୁଣ ଥିବାରୁ ଏହା ସ୍କିନ ପାଇଁ ଲାଭପ୍ରଦ ହୋଇଥାଏ । ଏହା କ୍ରମ ଗରମାଇବାକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଏହା ବ୍ୟବହାର କରିବା ଦ୍ୱାରା ସ୍କିନକୁ ମଧ୍ୟ ଟାଇଟ୍ କରି ରଖୁଥାଏ ।

■ ଦେହଁ ସମୟରେ ଫିଟିକିରି ବ୍ୟବହାର କରିବା ଉଚିତ : ସକାଳେ ଉଠିବା ପରେ:ସକାଳେ ଉଠିବା ପରେ ଆପଣଙ୍କ ମୁହଁରେ ଫିଟିକିରି ଲଗାଇପାରିବେ। ସକାଳେ ଫିଟିକିରି ପାଣିରେ ମୁହଁ ଧୋଇ କରିପାରିବା ଉଚିତ୍। ବାରଣ ଏହା ଦର୍ମକୁ ନରମ କରିଥାଏ ।

■ ଗାଧୋଇବା ସମୟରେ: ଆପଣ ଗାଧୋଇବା ସମୟରେ ପାଣିରେ ୨-୩ଚାମଚ ଫିଟିକିରି ପାଉଡର ମିଶାଇ ବ୍ୟବହାର କରିପାରିବେ। ଏହି ପାଣିରେ ଗାଧୋଇବା ଫଳରେ ଆମକୁ ସୁସ୍ଥ ଦିନ ସମେତ ଆନୁଭବ ହେଉଥାଏ ।

■ ଖରାଦେଖେ : ଯଦି ଆପଣ ଦିନସାରା ସୂର୍ଯ୍ୟ କିରଣରେ ରହି ଘରକୁ ଫେରୁଛନ୍ତି ତେବେ ଫିଟିକିରି ପାଣିରେ ଆପଣଙ୍କ ମୁହଁ ସଫା କରନ୍ତୁ । ଆପଣ ଶୋଇବା ଢଙ୍ଗରେ ଫିଟିକିରି ମିଶାଇ ଆପଣଙ୍କ ମୁହଁରେ ମଧ୍ୟ ଲଗାଇ ପାରିବେ ।

■ ରାତିରେ : ରାତିରେ ଶୋଇବା ପୂର୍ବରୁ ମୁହଁ ସଫା କରିବା ସମୟରେ ଆପଣ ଫିଟକିରି ଏବଂ ଆଲୋଭେରା କେରର ଏକ ଫେସପାକ୍ ଲଗାଇପାରିବେ। ଯାହା ଆପଣଙ୍କ ତ୍ୱଚାରେ ଏକ ହମିଡ଼ାର ପ୍ରଭାବ ଦେଖାଦେଇଥାଏ । ଏହା ବ୍ୟତୀତ ଏହାର ବ୍ୟବହାର ଫଳରେ ଏହା ଦର୍ମକୁ ସଂକ୍ରମଣରୁ ରକ୍ଷା କରିଥାଏ । ଆପଣ ମେକଅପ୍ କରିବା ପୂର୍ବରୁ ଫିଟକିରି ପାଣିରେ ଆପଣଙ୍କ ମୁହଁ ଧୋଇବା ଦ୍ୱାରା ମୁହଁରେ ଖରାପ ଲଫେଟ୍ସ ପଡ଼ିନଥାଏ ।

ଦ୍ୱିତୀୟ ବିବାହ କଲେ ବାଦ୍‌ଶାହା

ପୁଣିଥରେ ବିବାହ ବନ୍ଧନରେ ବାନ୍ଧି ହେଲେ ଓଡ଼ିଶାର ଗାୟକ ଓ ଖଳ ନାୟକ ବାଦଶାହା । ବାଦଶାହା ପଞ୍ଜାବୀ ଅଭିନେତ୍ରୀ ଦିଶା ମାଦେଲ ଭଲ ଚିହ୍ନାଙ୍କୁ ବିବାହ କରିଛନ୍ତି । ଯାହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଅନେକ ଦିନ ଧରି ବାଦଶାହଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ହେଉଥିଲା, କିନ୍ତୁ କିଛି ନିଶ୍ଚିତ ହୋଇନଥିଲା। ଏହି ଦମ୍ପତି ଅତି ନିକଟ ଆତ୍ମୀୟଙ୍କ ଉପସ୍ଥିତିରେ ବିବାହ କରିଛନ୍ତି। ଏହା ବାଦଶାହାଙ୍କ ଦ୍ୱିତୀୟ ବିବାହ । ସେ ପୂର୍ବରୁ ୨୦୧୨ ମସିହାରେ ଜସ୍ମିନ୍ ମସିହକୁ ବିବାହ କରିଥିଲେ। କିନ୍ତୁ, ୨୦୨୦ ମସିହାରେ ଉଭୟଙ୍କ ସମ୍ପର୍କରେ ଛାଡ଼ପତ୍ର ହୋଇଥିଲା। ଏବେ, ସେମାନଙ୍କ ଛାଡ଼ପତ୍ରର ୬ ବର୍ଷ ପରେ, ବାଦଶାହା ଦ୍ୱିତୀୟ ଥର ବିବାହ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ବାଦଶାହା ତାଙ୍କ ବିବାହ ଖବରକୁ ନିଶ୍ଚିତ କରିନାହାଁନ୍ତି। ବାଦଶାହ ପଞ୍ଜାବୀ ଅଭିନେତ୍ରୀ ଏବଂ ମଡେଲ ଭଲା ଚିହ୍ନାଙ୍କୁ ତାଙ୍କ ଜୀବନସାଥୀ ଭାବରେ ବଛିଛନ୍ତି। ଏହି ବ୍ୟକ୍ତିଗତ ବିବାହ ଉତ୍ସବ ସରଳ ଥିଲା, ଯେଉଁଥିରେ ସେମାନଙ୍କ ପରିବାର ଏବଂ ନିକଟତର ବନ୍ଧୁମାନେ ଯୋଗ ଦେଇଥିଲେ। ଗୋଟିଏ ରିପୋର୍ଟରେ, ବାଦଶାହ ପୁଣିଥରେ ଆନନ୍ଦପ୍ରକାଶ କରିଛନ୍ତି। ଅନ୍ୟ ଏକ ରିପୋର୍ଟରେ, ସେମାନେ ବିବାହ ରାତିଳାଡ଼ି ପାଳନ କରୁଥିବାର ଦେଖାଯାଇଥିଲା। ଭଲା ଚିଣ୍ଟାଙ୍କ ମାଆ ଏବଂ ଭଉଣୀ ନବବଧୂଙ୍କୁ ଅଭିନନ୍ଦନ ଜଣାଇ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ପୋଷ୍ଟ କରିଥିଲେ। ଭଲା ଚିଣ୍ଟା ଜଣେ ପଞ୍ଜାବୀ ଅଭିନେତ୍ରୀ ଏବଂ ମଡେଲ। ସେ ସିଧି ଲିଙ୍କର ଓଡ଼ ପଞ୍ଜାବୀ ଫିଲ୍ମ 'ଜଟ୍ ଏୟର୍ ପୁଟ୍ ଜଟାଙ୍କ୍ ଦେ' ରେ ଦେଖିବୁ କରିଥିଲେ। ସେ ପଞ୍ଜାବୀ ଅଭିନେତା ଅମରିନର ଗିଲାଙ୍କ ଫିଲ୍ମ 'ମାଶି ଗୋ ଲଣ୍ଡି' ରେ ମଧ୍ୟ ଅଭିନୟ କରିଥିଲେ। ଏହା ପରେ, ଭଲା ୨୦୧୪ ଏବଂ ୨୦୧୫ ରେ 'ଗମରେ ଯାର ଜମରେ' ଏବଂ 'ହାଲ୍ଟ ଦି ଜଟ୍' ଫିଲ୍ମରେ ନଜର ଆସିଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବାଦଶାହ ଏବଂ ଭଲା ଚିଣ୍ଟା ବର୍ଷ ବର୍ଷ ଧରି ପରସ୍ପରକୁ ଦେଖି କରୁଛନ୍ତି। ସେମାନଙ୍କ ଦେହିଂଗ ଖବର ୨୦୨୨ ମସିହାରେ ପ୍ରକାଶିତ ହୋଇଥିଲା। କୁହାଯାଏ ଯେ ସେମାନେ ଏକ ପାର୍ଟିରେ ସାକ୍ଷାତ କରିଥିଲେ। ତଥାପି, ସେମାନେ କେବେ ବି ଆନୁଷ୍ଠାନିକ ଭାବରେ ସେମାନଙ୍କର ସମ୍ପର୍କ ଘୋଷଣା କରି ନଥିଲେ ଏବଂ ଏବେ ହଠାତ୍ ବିବାହ ଫଟୋ ସମ୍ବାଦକୁ ଆଶ୍ଚର୍ଯ୍ୟ କରିଛି।

ଚେଞ୍ଜମେକର୍ସ ସୂଚୀରେ ଆଲିଆ-ପ୍ରିୟଙ୍କା

ସମାଜ ଓ ପରିବେଶ ପ୍ରତି ସ୍ୱତନ୍ତ୍ର ତଥା ଉଲ୍ଲେଖନୀୟ ଅବଦାନ ପାଇଁ ମ୍ୟାଡ୍‌ମାନ୍ ଜିଓଗ୍ରାଫିକ୍ ୨୦୨୬ ଚେଞ୍ଜମେକର୍ସ ତାଲିକାରେ ଭାରତୀୟ ଅଭିନେତ୍ରୀ ଆଲିଆ ଭଟ୍ଟ ଓ ପ୍ରିୟଙ୍କା ଚୋପ୍ରା ଜୋନାସ୍‌ଙ୍କୁ ସାମିଲ କରାଯାଇଛି। ନ୍ୟାଡ୍‌ମାନ୍ ଜିଓଗ୍ରାଫିକ୍ ପକ୍ଷରୁ ବିଶ୍ୱସ୍ତରରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଥିବା ଏବଂ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ଦିଆଯାଇଥାଏ। ଏହି ତାଲିକାରେ ବିଭିନ୍ନ କ୍ଷେତ୍ରରେ ୩୩ ଜଣ ସକାରାତ୍ମକ ପରିବର୍ତ୍ତନକାରୀଙ୍କୁ ସାମିଲ କରାଯାଇଥିଲା। ଆଲିଆ ଭଟ୍ଟ ପର୍ଯ୍ୟବେକ୍ଷ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ପାଇଁ ଲାମାଳର୍ସ ବହୁତ ପ୍ରଶଂସା ପାଇଛନ୍ତି। ସେ ନିଜ ପ୍ଲାଟଫର୍ମକୁ ବ୍ୟବହାର କରି ଯୁବପିଢ଼ିଙ୍କୁ ପରିବେଶ ସମ୍ମାନ ବିଷୟରେ ସଚେତନ କରୁଛନ୍ତି। ତାଙ୍କର ପ୍ରଯୋଜନା ସଂସ୍ଥା 'ଇଟରନାଲ୍ ସନ୍‌ସାଇନ୍ କମ୍ପାନି' ଦ୍ୱାରା ଶିଳାର ଉପରେ ଏକ ସିରିଜ୍ ନିର୍ମାଣ କରିଛି। ଏହା ମାଧ୍ୟମରେ ଲୋକମାନେ ପରିବେଶ ଓ ବନ୍ୟଜନ୍ତୁଙ୍କ ପାଇଁ କିପରି ଯତ୍ନବାନ ହେବେ ସେ ସମ୍ପର୍କରେ ଅବଗତ କରାଯାଇଛି।

ଶିଶୁମାନଙ୍କ ପାଇଁ ଆଲିଆ ଲେଖିଥିବା ପୁସ୍ତକ 'ଏକ୍ ପାଇଣ୍ଟସ୍ ଏ ହୋମ୍'ରେ ପୋଷ୍ୟ ପଶୁ ଓ ପଶୁପ୍ରେମର କଥା ରହିଛି। ଏଥିସହିତ ତାଙ୍କର ଫ୍ୟାସନ୍ ପ୍ରୟାସ 'ମି ଷ୍ଟର୍ଡରୋବ୍ ଲାଇ ସୁ ଷ୍ଟର୍ଡରୋବ୍' ପୁରୁଣା ପୋଷାକ ଦାନକୁ ପ୍ରୋତ୍ସାହନ ଦେଇ ଅପଚୟ କମେଇବାରେ ସାହାଯ୍ୟ କରୁଛି। ପ୍ରିୟଙ୍କା ଚୋପ୍ରା ଜୋନାସ୍ ବିଶେଷକରି ମଧୁମେହ ରୋଗୀମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଲଭ କରିବା ଦିଗରେ କାମ କରୁଛନ୍ତି। ନିଜ୍ ଜୋନାସ୍‌ଙ୍କ ସହ ବିବାହ ପରେ ସେ ଏହି କାମରେ ଅଧିକ ଗୁରୁତ୍ୱ ଦେଇଛନ୍ତି, କାରଣ ନିଜ୍ ଛୋଟଦେହୁ ଡାଇପ୍-୧ ଡାଇବେଟିସ୍‌ରେ ପୀଡ଼ିତ ଥିଲେ। ଏଥିପାଇଁ ସେ ଡାଇବେଟିସ୍ ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରିବା ସହିତ ଏହାର ସମୟୋପଯୋଗୀ ଚିକିତ୍ସା ଓ ଚିକିତ୍ସା ପାଇଁ ଲୋକମାନଙ୍କୁ ସଚେତନ କରୁଛନ୍ତି। ଆଲିଆ ଏବଂ ପ୍ରିୟଙ୍କାଙ୍କ ସହିତ, ତାଲିକାରେ ହାରିସନ୍ ଫୋର୍ଡ, ଜନ୍‌ସ୍ ଏନ୍‌ରଡା, ରସେଲ୍ ଷ୍ଟେଷ୍ଟନ୍ ଏବଂ ଲଣ୍ଡାଲ୍ ମ୍ୟାଳସ୍ପେଗରଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ମଧ୍ୟ ଅଛନ୍ତି। ସେମାନେ ନିଜ ନିଜ କ୍ଷେତ୍ରରେ ସାମାଜିକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

ଦୈନିକ ସମାଚାର

ସମ୍ପାଦକୀୟ...

ଗୁରୁବାର ୨୬ ମାର୍ଚ୍ଚ ୨୦୨୬

ସାହସୀ ଗୁଣିଆ

ଏହି ସର୍ବବୃହତ ବିରୋଧୀ ଦଳ ପ୍ରଶ୍ନ କରିଥାଆନ୍ତି ଯେ ମାମଲାର ଶୁଣାଣି ଜାଳୀନ ତର୍କ-ବିତର୍କରୁ ଟ୍ରମ୍ପଙ୍କ ବିରୋଧରେ ରାୟ ଆସିବାର ସମ୍ଭାବନା ଥିଲା ବେଳେ ଭାରତ ସରକାର ରାୟକୁ ଅପେକ୍ଷା ନ କରି ତରବରିଆ ଭାବେ ବାଣିଜ୍ୟ ଚୁକ୍ତିରେ ଆବଦ୍ଧ ହେଲେ କାହିଁକି ? ଏହାର ଉତ୍ତର ବୋଧହୁଏ ଏହା ଯେ ନଅ ଜଣ ବିଚାରପତିଙ୍କ ମଧ୍ୟରୁ ଛଅ ଜଣ ରିପବ୍ଲିକାନ ସମର୍ଥକ ହୋଇଥିବାରୁ ରାୟ ଯେ ଟ୍ରମ୍ପଙ୍କ ବିରୋଧରେ ଆସିବ, ସେ ନେଇ ସରକାର ନିଶ୍ଚିତ ହୁଅନ୍ତେ ବା କିପରି ? ଗଲା ଶନିବାର ଦିନ ଯୁକ୍ତରାଷ୍ଟ୍ର ଆମେରିକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ପ୍ରଦତ୍ତ ଏକ ରାୟ ସେଠାକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଜାଣେ ଅତ୍ୟନ୍ତ ନିରାଶାଜନକ ହୋଇଥିଲେ ହେଁ ସମଗ୍ର ପୃଥିବୀକୁ ଆଶ୍ୱସ୍ତ କରିଛି । ସୁପ୍ରିମ କୋର୍ଟର ଏକ ନଅ ଜଣିଆ ବିଚାରପତିଙ୍କ ବେଞ୍ଚରେ ଛଅ ଜଣଙ୍କ ସଜ୍ଞାରେ ଆସିଥିବା ନିଷ୍ପତ୍ତିଟି ସ୍ପଷ୍ଟ କରି ଦେଇଛି ଯେ ଯେଉଁ "ଏକଜିକ୍ୟୁଟିଭ" କ୍ଷମତାର ପ୍ରୟୋଗ କରି ସ୍ୱେଚ୍ଛାଚାରୀ ଟ୍ରମ୍ପ ବିଶ୍ୱର ରାଷ୍ଟ୍ର ଉପରେ ଅଯୌକ୍ତିକ ଓ ଅହେତୁକ ଆମଦାନି ଶୁଳ୍କ ଲଗାଇ ଚାଲିଥିଲେ, ତାହା ଅସାଂବିଧାନିକ; ସୁତରାଂ ଅବୈଧ ମଧ୍ୟ । ଦ୍ୱିତୀୟ ପାଳିରେ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ ମହାଶୟ ପ୍ରାୟ ବର୍ଷକ ଧରି ବିଭିନ୍ନ ବାଣିଜ୍ୟ ଶୁଳ୍କକୁ ବା 'ଟାରିଫ'କୁ ଏକ ଅସ୍ତ୍ର ରୂପେ ବ୍ୟବହାର କରି ଆନ୍ତର୍ଜାତିକ ରାଜନୀତି, ଗଣନୀତି ଓ କୂଟନୀତିର ପରମ୍ପରା ଓ ସଂପର୍କର ଭାରସାମ୍ୟକୁ ନଷ୍ଟଭ୍ରଷ୍ଟ କରିବାରେ ଲାଗିଥିଲେ, ତାହା ସର୍ବ ଜନ ବିଦିତ । ତେବେ, ସୁପ୍ରିମ କୋର୍ଟଙ୍କ ଏହି ନିଷ୍ପତ୍ତି ଗୋଟିଏ ଅଙ୍କୁଶ ତୁଲ୍ୟ ମନ୍ତ୍ର ହସ୍ତୀଟିଏକୁ ଆୟତ୍ତକୁ ଆଣିବାର ଉଦ୍ୟମରେ ସୀମିତ ହୋଇ ନ ଥାଏ; ଏଥିରୁ ମିଳିଥିବା ଅନ୍ୟ କେତେକ ସଂକେତ ଅଧିକ ପ୍ରଣିଧାନଯୋଗ୍ୟ । ପ୍ରଜାଶ ଥାଉ କି ଯେଉଁ ଆଇନକୁ ଅବଲମ୍ବନ କରି ଟ୍ରମ୍ପ ବିଭିନ୍ନ ଦେଶ ଉପରେ ହାହାକାର ସୃଷ୍ଟିକାରୀ ଟାରିଫ ଲଦିବାରେ ପ୍ରବୃତ୍ତ ହୋଇଥିଲେ, ତାହା ହେଉଛି ୧୯୭୭ ମସିହାରେ ପ୍ରଚଳିତ ହୋଇଥିବା 'ଇମରଜେନସିନାଲ ଏମର୍ଜେନ୍ସି ?ସି ଇକୋନୋମିକ ପାୱାର ଆକ୍ଟ' ବା ସଂକ୍ଷେପରେ 'ଆଇ.ଇ.ଇ.ପି.ଏ.'; ଯାହାକୁ କେବଳ ଯୁଦ୍ଧର ଘନଘଟା ବା ତୀବ୍ର ଆର୍ଥିକ ଆହ୍ୱାନ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର 'ଏକଜିକ୍ୟୁଟିଭ' କ୍ଷମତା ରୂପେ ବ୍ୟବହାର କରାଯାଇପାରେ । କହିବା ଅନାବଶ୍ୟକ ଯେ ସଂପ୍ରତି ସେଭଳି ଜୌଣସି ପରିସ୍ଥିତି ସୃଷ୍ଟି ହୋଇନାହିଁ, ସତ୍ୟାରୁ ଟ୍ରମ୍ପ ଏଭଳି ଏକ ଅସୀମ କ୍ଷମତାଧାରୀ ସ୍ୱତନ୍ତ୍ର ଆଇନର ଉପଯୋଗ କରେ । କେବଳ ସେତିକି ନୁହେଁ, ଟ୍ରମ୍ପ ଏହାକୁ ଏକ ଅସ୍ତ୍ର ରୂପେ ଦେଖାଇ ଅନେକ ରାଷ୍ଟ୍ରଙ୍କ ସାର୍ବଭୌମତ୍ୱ ଅତିକ୍ରମ କରିବାରେ ମଧ୍ୟ ବ୍ୟାପୃତ ହୋଇଥିଲେ; ଦୃଷ୍ଟାନ୍ତ ସ୍ୱରୂପ କୃଷିଆ ଠାରୁ ଖଣିଜ ତୈଳ ଖର୍ଦ୍ଦ ନ କରିବାକୁ ଭାରତକୁ ବାଧ୍ୟ କରିବା କିମ୍ବା ଗ୍ରୀନଲାଣ୍ଡ ଅଧିକାର କରିବେଚା ଲାଗି ଡେନମାର୍କକୁ ଧମକ ଦେବା ଅଥବା ଜାନାଡାକୁ ଆମେରିକାର ଏକ ପ୍ରଦେଶରେ ପରିଣତ କରିବା ନେଇ ଆଗ୍ରହାତିଶୟ ଦେଖାଇବା । ଖୁବ୍ ସମ୍ଭବ ଯେ ଟ୍ରମ୍ପଙ୍କ ଏଭଳି ମୂଢ଼ତାପୂର୍ଣ୍ଣ ଆଚରଣ ଦ୍ୱାରା ଆମେରିକାର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି ବୋଲି ସୁପ୍ରିମ କୋର୍ଟର ବିଚାରପତିମାନଙ୍କ ହୃଦ୍‌ବୋଧ ହୋଇଥିବ; ନତେତ ସେହି ବେଞ୍ଚର ନଅ ଜଣ ବିଚାରପତିଙ୍କ ମଧ୍ୟରୁ ଛଅ ଜଣ ରିପବ୍ଲିକାନ ବଳର ସୁପାରିସ ଭୁମେ ନିମୁଣ୍ଡି ପାଇଥିଲେ ହେଁ ତଥାପି ଜଣ ଟ୍ରମ୍ପଙ୍କ ବିରୋଧରେ ଯାଇ ନ ଥାଆନ୍ତେ ! ଦକ୍ଷିଣପନ୍ଥୀ ଓ ତୀବ୍ର ଜାତୀୟତାବାଦୀ ଟ୍ରମ୍ପ ତାଙ୍କ ସ୍ୱଭାବ ସୁଲଭ ଢଙ୍ଗରେ ସଂପୃକ୍ତ ବିଚାରପତିମାନଙ୍କୁ ନିନ୍ଦୋଧ ଏବଂ ଦେଶଦ୍ରୋହୀ ବୋଲି ଉଲ୍ଲେଖ କରିଛନ୍ତି । ତେବେ, ଟ୍ରମ୍ପଙ୍କ ପ୍ରକାଶ ସତ୍ତ୍ୱେ ଏଭଳି ଦାମିକ ନିଷ୍ପତ୍ତି ଯେ ନ୍ୟାୟପାଳିକାର ଗରିମା ବୃଦ୍ଧି କରିବା ସହିତ ଗଣତନ୍ତ୍ରର ଅକ୍ଷୟ ଢଙ୍ଗାଁକୁ ସାବ୍ୟସ୍ତ କରିଛି, ଏଥିରେ ଦ୍ୱିରୁକ୍ତି ନାହିଁ । ଉଲ୍ଲେଖଯୋଗ୍ୟ ଯେ ଟ୍ରମ୍ପଙ୍କ ସୃଷ୍ଟ ଟାରିଫ ଯୁଦ୍ଧ ପରେ ଆମେରିକାର ଅନ୍ତତଃ ୧୨ଟି ପ୍ରଦେଶର ବିଭିନ୍ନ ଅଦାଲତରେ ମାମଲା ଦେଖାଦାଇ ମିଳିଥିଲା, ଯାହିଁକୁ ୫ ଜଣ କ୍ଷୁଦ୍ର ବ୍ୟବସାୟୀଙ୍କ ଦ୍ୱାରା ସର୍ବୋଚ୍ଚ ଅଦାଲତରେ ଆଗତ ମାମଲା ହେଉଛି ପ୍ରମୁଖ, ଯାହାକୁ ସେମାନଙ୍କ ପକ୍ଷରୁ ଲଢ଼ିଥିଲେ ଜଣେ ପ୍ରବାସୀ ଭାରତୀୟ ବଂଶଜ ଓକିଲ ନୀଳ ଏସ. ଜାବ୍ୟାଲ । ସମଗ୍ର ପୃଥିବୀକୁ ଶୀତଳ କରିଥିବା ଅଦାଲତୀ ନିଷ୍ପତ୍ତି ସକାଶେ ଜାବ୍ୟାଲଙ୍କ ଦମଦାର ତର୍କ ହିଁ ଭୂମିକା ପ୍ରସ୍ତୁତ କରିଥିଲା । ମାମଲାରେ ବିଜୟ ଲାଭ କରିବା ପରେ ନୀଳ ଜାବ୍ୟାଲ ତାଙ୍କ 'ଏକ୍ସ' ବାର୍ତ୍ତାରେ ଯାହା କହିଛନ୍ତି, ତା'ର ମର୍ମାର୍ଥ ହେଲା ଏହା ହେଉଛି ସେଭଳି ଏକ ରାୟ ଯାହା ଏକ ମହାନ ଗଣତନ୍ତ୍ରରେ ସମ୍ଭବ, ଯେଉଁଠି ଏକାଧିପତ୍ୟକୁ ନିୟନ୍ତ୍ରଣ କରି ସମତୁଲତା ପ୍ରଦାନ କରିବାର ବ୍ୟବସ୍ଥା ଅତ୍ୟନ୍ତ ସୁଦୃଢ଼ । ଏବଂ ପ୍ରଦାବୀମାନଙ୍କୁ ସଲୁକିତ କରି ତତ୍ପରା ସ୍ପଷ୍ଟ ପରିପୁଷ୍ଟ ହୋଇଥିବା ଏହି ରାଷ୍ଟ୍ରରେ ଏଭଳି ବିଜୟ ଆକାଂକ୍ଷିତ । କହିବା ବାହୁଲ୍ୟ, ଏଜଣ୍ଟ୍ରବାଦୀ ଟ୍ରମ୍ପଙ୍କ ବିରୋଧରେ ଘାଟ ଅଧିକ ବ୍ୟବସାୟୀ ଛିଡ଼ା ହେବା ଓ ଟ୍ରମ୍ପଙ୍କ ଆଗ୍ରହରେ ସଂପ୍ରତି ସେଠାରେ ପ୍ରବାସୀମାନଙ୍କ ମୂଳୋତ୍ପାଟନ, ବିତାଡ଼ନ ଓ ନିଷେଧଣ ଅତ୍ୟନ୍ତ ଉତ୍କଟ ହୋଇଥିବା ବେଳେ ନୀଳ ଜାବ୍ୟାଲ ମଜବମା ଲଢ଼ିବା ଭଳି ବିଷୟ କେବଳ ସେମାନଙ୍କ ସାହସର ପରଚୟ ହୋଇ ନ ଥାଏ, ସେଠାକାର ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ସେମାନଙ୍କ ଆସ୍ଥାର ପ୍ରମାଣ ମଧ୍ୟ ହୋଇଥାଏ । ଅବାଳଚଳ ରାୟ ପରେ ଟ୍ରମ୍ପଙ୍କ ମନ ମଉଜିଆ ଟାରିଫ ହଟିଯାଇଛି ସତ, କିନ୍ତୁ ଏ ନେଇ ସ୍ପଷ୍ଟତା ଆସିବାକୁ କିଛି ସମୟ ଲାଗିପାରେ । ଅବଶ୍ୟ, ନିଜର ସାଧାରଣ 'ଏକଜିକ୍ୟୁଟିଭ' କ୍ଷମତାର ପ୍ରୟୋଗ କରି ଟ୍ରମ୍ପ ସବୁ ଦେଶ ଉପରେ ୧୦% ଅତିରିକ୍ତ ଶୁଳ୍କ ?କ ଲଗାଇଛନ୍ତି । ଯଦିଓ, ଅବଶ୍ୟ ଟ୍ରମ୍ପ ତାଙ୍କ ଟାରିଫ ନୀତିରେ ଅଟଳ ରହିବାକୁ ପ୍ରତିଜ୍ଞାବଦ୍ଧ, ବିଶେଷଜ୍ଞଙ୍କ ମତରେ ଅନ୍ୟ ଆଇନ ଉପଯୋଗ କରି ସେଭଳି ଅବାଧ ଟାରିଫ ଲଗୁ କରାଯିବା ଅତ୍ୟନ୍ତ କଷ୍ଟସାଧ୍ୟ ଓ କାର୍ଯ୍ୟକ୍ଷେତ୍ରକାରୀ ହେବ । ଅବାଳଚଳ ରାୟ ଅନୁସାରେ 'ଆଇ.ଇ.ଇ.ପି.ଏ.'ର ପ୍ରୟୋଗ ସକାଶେ ସେଠାକାର ସଂସଦ ଙ୍କଗ୍ରେସର ଅନୁମୋଦନ ଜରୁରି; ଯାହା ଲାଭ କରିବା ମଧ୍ୟ ଏକ ଦୁରূହ ବ୍ୟାପାର । ତେଣୁ ଅବାଞ୍ଛିତ ଟାରିଫର ଭୟ ଅପାତତଃ ଟଳି ଯାଇଛି । କିନ୍ତୁ ଏହି ବର୍ଷକ ମଧ୍ୟରେ ବେଆଇନ ଟାରିଫ ମୂଳରୁ ଆମେରିକା ଲାଭ କରିଥିବା ଏକ ବିପୁଳ ଅର୍ଥ ରାଶି (୧୭୦ ବିଲିଅନ ଡଲାରରୁ ଅଧିକ)କୁ ଫେରସ୍ତ କରାଯିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଛିଷ୍ଟା ରହିଯାଇଛି । ଏହି ପ୍ରକ୍ରିୟା ଅତ୍ୟନ୍ତ ବିଶାଳ ଓ ଜଟିଳ ହେବ; କାରଣ 'ରଏଟର୍ସ'ର

ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ତିନି ନେତା

ନିଜରେ ମୃତ୍ୟୁବରଣ କରିଥିବା ବିଶିଷ୍ଟ ସମାଜବିଜ୍ଞାନୀ ଆଡ୍ରେ ବେତେ ମୋତେ ଥରେ ଲେଖିଥିଲେ : 'ମାନବିକ ଆଚରଣର ଖଳ ପ୍ରବୃତ୍ତି ଉପରେ ତୁମେ ଟିକିଏ ଅଧିକ ଧ୍ୟାନ ଦେବା ଉଚିତ ।' ସେ ଭାବିଥିଲେ ଯେ ମୁଁ ଗାନ୍ଧୀଙ୍କ ଭଳି ସରିଛା ସଂପନ୍ନ ରାଜନେତାଙ୍କ ବିଷୟରେ କେବଳ ଲେଖିବାକୁ ଅଧିକ ମନୋନିବେଶ କରିଆସିଛି । କିନ୍ତୁ ଇତିହାସ ଗଢ଼ିବାରେ ଓ ତା'ର ଅପଭ୍ରଂଶ ପଛରେ ମନ୍ଦ ଉଦ୍ଦେଶ୍ୟ ସଂପନ୍ନ ବା ଖଳ ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପର ମଧ୍ୟ ତତୋଽଧିକ ଭୂମିକା ରହିଛି । ପଶ୍ଚିମ ଏସିଆରେ ସଂପ୍ରତି ବିବାଦ ଆରମ୍ଭ ହେବା ପରେ ମୁଁ ପ୍ରଗସିବ ବେତେଙ୍କ ଏହି ଚେତାବନୀକୁ ମନେ ପକାଇଲି । ଏହି ବିବାଦ ଆମେରିକା ଓ ଇସ୍ରାଏଲକୁ ଗୋଟିଏ ପରେ ଏକ ଇରାନକୁ ଅନ୍ୟ ପରେ ରଖିଛି । କିନ୍ତୁ ଯୁଦ୍ଧ ଘଟିବା ପଛରେ ତିନି ଜଣ ବ୍ୟକ୍ତିଙ୍କ ସଂପୃକ୍ତି ରହିଛି, ଯେଉଁମାନେ ତିନିଟି ପୃଥକ ଦେଶର ନେତୃତ୍ୱ ନେଇଛନ୍ତି କିମ୍ବା ଏବେ ନେଇଛନ୍ତି । ବେ ଜୀବିତ ନଥିବା ଅଲି ଖାମେନେଇଙ୍କଠାରୁ ଆରମ୍ଭ କରିବା । ଯେତେବେଳେ ଇରାନ ଉପରେ ବୋମାବର୍ଷଣ ଆରମ୍ଭ ହେଲା, ଖାମେନେଇ ଭୂତି ରହିବାକୁ ପସନ୍ଦ କରିନି ସାହସର ସହିତ ପରିସ୍ଥିତିକୁ ସାମ୍ନା କଲେ ଓ ଶେଷରେ ମୃତ୍ୟୁକୁ ଆଲିଙ୍ଗନ କଲେ । ଜୀବନର ଅନ୍ତିମ ଦିନଗୁଡ଼ିକରେ ସେ ଦେଖାଇଥିବା ସାହସକୁ ତାଙ୍କ ଶତ୍ରୁମାନଙ୍କର ନିର୍ମମ ଶକ୍ତି ଓ ପ୍ରତାରଣା ସହିତ ତୁଳନା କରି ଜଣେ ଇତିହାସବିତ୍ ବୁଦ୍ଧିଜୀବୀ ତାଙ୍କୁ ସାମ୍ରାଜ୍ୟବାଦ-ବିରୋଧୀ ପ୍ରତୀକ ଭାବେ ଚିତ୍ରଣ କଲେ । ଏହା ମୋତେ ସରକାରୀକରଣର ଚରମ ରୂପ ଭଳି ଲାଗୁଛି । ଜେଉଁ ଢଙ୍ଗରେ ତାଙ୍କର ମୃତ୍ୟୁ ହେଲା ତାହା ତାଙ୍କର ଜୀବନ ଏବଂ ସର୍ବୋପରି ସେ ବଢ଼ିଥିବା ବେଳେ ଇରାନରେ ସେ କିପରି ଭାବେ କ୍ଷମତାର ପ୍ରୟୋଗ କଲୁଥିଲେ ତାହାକୁ ଗୌଣ କରିଦେବା ଅନୁଚିତ । ଇରାନର ସର୍ବୋଚ୍ଚ ନେତା ଭାବରେ ଖାମେନେଇଙ୍କ ପାଖରେ ତିନିଟି ମାର୍ଗ ଥିଲା । ପ୍ରଥମଟି ହେଲା ଧର୍ମଗୁରୁମାନଙ୍କୁ ରାଜନୈତିକ ପ୍ରକ୍ରିୟାରୁ ଧୀରେ ଧୀରେ ଅପସାରଣ କରି ଏକ ମୁକ୍ତ ସମାଜ ଗଠନ ମାଧ୍ୟମରେ ଲୋକଙ୍କ ଗଣତାନ୍ତ୍ରିକ ଆକାଂକ୍ଷାକୁ ସମ୍ମାନ ଦେବା । ଏହି ପଥ ଇରାନର ମହିଳାମାନଙ୍କ ଉପରେ ଲଗାଯାଇଥିବା ଡ୍ରେସ୍ କୋଡ୍‌ଗୁଡ଼ିକୁ ହଟାଇବା ସହ ଦେଶର ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ଜୀବନରେ ମହିଳାଙ୍କୁ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ସକ୍ଷମ କରି ଲିଙ୍ଗଘତ ସମାନତା ଉପରେ ଗୁରୁତ୍ୱ ଦେଇଥାନ୍ତା । ଓମାନ, କାତାର ଓ (ସର୍ବୋପରି) ସାଉଦି ଆରବ ଆଦି ଉପସାଗରୀୟ ଦେଶଗୁଡ଼ିକ ପରି ଇରାନର ମଧ୍ୟ ସମୃଦ୍ଧ ତେଲ ଭଣ୍ଡାର ରହିଛି । ସେମାନଙ୍କ ବିପରୀତ, ଇରାନର ଲୋକେ ଉଚ୍ଚଶିକ୍ଷିତ, ସେଠାରେ ଉଦ୍ୟମିତା ଓ ବୈଜ୍ଞାନିକ ଅନୁସନ୍ଧାନର ଇତିହାସ ରହିଛି ଏବଂ ୧୯୭୯ର ଇସ୍ ?ଲାମିକ ବିପ୍ଳବ ପୂର୍ବରୁ ଶିକ୍ଷାଗତ ଓ ବୃତ୍ତିଗତ କ୍ଷେତ୍ରରେ ମହିଳାମାନଙ୍କର ସକ୍ରିୟ ଭୂମିକା ଥିଲା । ଉପସାଗରୀୟ ଦେଶଗୁଡ଼ିକଠାରୁ ଇରାନର ସାଂସ୍କୃତିକ ଇତିହାସ ମଧ୍ୟ ବେଶ୍ ? ସମୃଦ୍ଧ, ଯାହା ଶତାବ୍ଦୀ ଶତାବ୍ଦୀ ଧରି ମଜାନ ଦାର୍ଶନିକ, କବି ଓ ସଙ୍ଗୀତଜ୍ଞଙ୍କୁ ସୃଷ୍ଟି କରିଛି । ଖାମେନେଇ ଏହି ଇତିହାସ ବିଷୟରେ ପୂର୍ଣ୍ଣ ଭାବେ ଅବଗତ ଥିଲେ ଏବଂ ଏକ ସମୃଦ୍ଧ ଓ ଆତ୍ମନିର୍ଭରଶୀଳ ଇରାନ ଗଢ଼ିବା ପାଇଁ ଏହାକୁ ବ୍ୟବହାର କରିପାରିଥାନ୍ତେ । ଦୀର୍ଘ ସମୟ କ୍ଷମତାରେ ରହିଥିବା ବିଦଗ୍ଧ ଖାମେନେଇ ଲୋକଙ୍କର ସହିତ ଆର୍ଥିକ ଅଭିବୃଦ୍ଧିକୁ ପ୍ରଥମ ମାର୍ଗ ଭାବେ ଚୟନ କରି ପାରିଥାନ୍ତେ । ଲୋକତନ୍ତ୍ର ବିନା ଆର୍ଥିକ ଅଭିବୃଦ୍ଧି (ସିଙ୍ଗାପୁର ମଡେଲ ଅନୁସାରେ) ତାଙ୍କ ପାଇଁ ଉପଲବ୍ଧ ଦ୍ୱିତୀୟ ମାର୍ଗ ଥିଲା । କିନ୍ତୁ, ତାଙ୍କ ନେତୃତ୍ୱ ଅଧୀନରେ ଇରାନୀ ଶାସନ ତୃତୀୟ ମାର୍ଗକୁ ବାଛିଲା- ଦେଶ ଭିତରେ ଦମନ ବୃଦ୍ଧି ଏବଂ ବିଦେଶରେ ଅବିବେକୀ ବିସ୍ତାରବାଦ । ଲେବାନନ ଓ ଗୟେମେନରେ ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ଇରାନ ସହାୟତା ପ୍ରଦାନ କଲା ଏବଂ ସିରିଆରେ ବଶାର ଅଲ୍-ଆସାଦଙ୍କ ନିର୍ଦ୍ଦୟ ଶାସନକୁ ସାମରିକ ସହାୟତା ଦେଇ ସେହି ଦେଶରେ ସେହି ଗୋଷ୍ଠୀଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଖାମେନେଇଙ୍କ ଅଧୀନରେ ଇରାନ ଅଙ୍ଗକାରର ସହ ନିଜକୁ ଇସଲାମିକ ଜଗତର ନେତା ଭାବରେ ପ୍ରତିଷ୍ଠା କରିଛି, ଇହୁଦୀ ରାଷ୍ଟ୍ର ଇସ୍ରାଏଲ ପ୍ରତି ଏକ ବିଶେଷ ଦ୍ୱେଷଭାବ ଦେଖାଇଛି, ଯାହାକୁ ସେ ନିଜର ପ୍ରତିନିଧି (ପ୍ରକ୍ସି) ହେଜବୋଲ୍ଲା ମାଧ୍ୟମରେ ନିୟମିତ ଭାବେ ଆକ୍ରମଣ କରିଆସୁଛି । ଏଥର ଇସ୍ରାଏଲକୁ ଆସିବା, ଯାହାର ଦାର୍ଘକାଳୀନ ନେତା ହେଉଛନ୍ତି ବେଞ୍ଜାମିନ୍ ନେତାନ୍ୟାହୁ । ସେ ଖାମେନେଇଙ୍କ ପରି ଧର୍ମାନ୍ଧ ଓ ଆଦର୍ଶବାଦୀ, ଏବଂ ସମ୍ଭବତଃ ଅଧିକ ନିଷ୍ଠୁର । ନେତାନ୍ୟାହୁଙ୍କର ଜଟୋର ରାଷ୍ଟ୍ରବାଦୀ ବିଚାରଧାରା ତାଙ୍କର ପାରିବାରିକ ପୃଷ୍ଠଭୂମିରୁ ଆସିଛି । ତାଙ୍କ ପିତା ଜଣେ ଦକ୍ଷିଣପନ୍ଥୀ ଇହୁଦୀ ଇତିହାସବାଦ ଥିଲେ ଏବଂ ତାଙ୍କ ଭାଇ ଜଣେ ସେନା ଅଧିକାରୀ ଥିଲେ ଯିଏ ୧୯୭୬ ମସିହାରେ ୟେଂଟେବ ବିମାନବନ୍ଦରରେ ଆତଙ୍କବାଦୀମାନଙ୍କ ଦ୍ୱାରା ବନ୍ଦୀ ରଖାଯାଇଥିବା ଇସ୍ରାଏଲୀମାନଙ୍କୁ ଉଦ୍ଧାର କରିବା ପ୍ରୟାସରେ ଜୀବନ ହାରିଥିଲେ । ଦୀର୍ଘ କାଳ ପ୍ରଧାନମନ୍ତ୍ରୀ ରହିଥିବା ନେତାନ୍ୟାହୁ ଧ୍ୱେଷବାଦୀଙ୍କରେ ବ୍ୟାପକ ଭାବେ ଅବୈଧ ଜନବସତି ବିସ୍ତାର କରାଇବା ସହିତ ସେଠାରେ ପାଲେଷ୍ଟାଇନ ରାଷ୍ଟ୍ର ଗଠନର ସମ୍ଭାବନାକୁ ତୁର୍ବକ କରିଦେଇଛନ୍ତି । ପାଲେଷ୍ଟାଇନ୍ ଶାସକଙ୍କ ପ୍ରତି ତାଙ୍କର ଘୃଣା ଏବେ ଆବେଗପୂତ ଥିଲା ଯେ ଏକ ପର୍ଯ୍ୟାୟରେ ସେ ତାଙ୍କୁ ତୁର୍ବକ କରିବା ପାଇଁ ହମାଙ୍କୁ ସମର୍ଥନ ମଧ୍ୟ ଦେଇଥିଲେ । ତା' ପରେ, ୨୦୨୩ ଅକ୍ଟୋବରରେ ହମାସ୍‌ର ଆତଙ୍କବାଦୀ ଆକ୍ରମଣ ପରେ, ସେ କ୍ରୋଧଜର୍ଜର ହୋଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ, ତାଙ୍କ ସେନା ଗାଜା ପଟିକୁ ଧ୍ୱଂସ କରିଦେଲା, ୭୫,୦୦୦ରୁ ଅଧିକ ନାଗରିକଙ୍କୁ ହତ୍ୟା କରାଗଲା ଏବଂ ଏକ ନିୟୁତରୁ ଅଧିକ ଲୋକଙ୍କୁ ବାସହୀନ କରି ଦିଆଗଲା । ତାଙ୍କର ଏଭଳି କାର୍ଯ୍ୟ ପାଇଁ ନେତାନ୍ୟାହୁଙ୍କୁ ଆନ୍ତର୍ଜାତୀୟ ଅପରାଧ ଅଦାଲତ ଦ୍ୱାରା ଜଣେ ଯୁଦ୍ଧ ଅପରାଧୀର ଆଖ୍ୟା ଦିଆଯାଇଛି, ଏବଂ ପ୍ରକୃତରେ ତାଙ୍କୁ ସେହି ଦୃଷ୍ଟିକୋଣରୁ ହିଁ ବିବେଚନା କରାଯିବା ଉଚିତ । ନେତାନ୍ୟାହୁ ଓ ତାଙ୍କ ପରିବାରର ରୁଚି ବହୁତ ଆଡ଼ମ୍ବରପୂର୍ଣ୍ଣ, ଏବଂ ସେମାନେ ବ୍ୟବସାୟୀମାନଙ୍କ ଠାରୁ ଅନେକ ବାମା ଉପହାର ପାଇଛନ୍ତି । ପ୍ରକୃତରେ, ନେତାନ୍ୟାହୁଙ୍କ ନିରନ୍ତର ଯୁଦ୍ଧ ତାଙ୍କୁ ଦାର୍ଘକାଳ କ୍ଷମତାରେ ରଖିବା ସହିତ ତାଙ୍କ ବିରୋଧରେ ଥିବା ଦୁର୍ନୀତି ମାମଲାଗୁଡ଼ିକୁ ଚାଳିବାର ଏକ ପ୍ରୟାସ ହୋଇପାରେ । ତେଣୁ ଇରାନ ସହିତ ଏହି ସଂଘର୍ଷ ଚାଲୁ ରଖିବା ପ୍ରତି ତାଙ୍କର ଝୁଙ୍କ । ନ୍ୟାୟିକ ପ୍ରକ୍ରିୟାରୁ ଦୂରେଇ ଯିବା ଓ କ୍ଷମତାରେ ରହିବା ପାଇଁ ନେତାନ୍ୟାହୁଙ୍କ ଉଦ୍ୟମରେ, ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିମାନେ ବିଭିନ୍ନ ସମୟରେ ତାଙ୍କର ଅପରିହାର୍ଯ୍ୟ ସହଯୋଗୀ ହୋଇ ରହିଆସିଛନ୍ତି । ଏହି ରାଷ୍ଟ୍ରପତିମାନେ ନେତାନ୍ୟାହୁଙ୍କ ଅପରାଧ, ଦୁର୍ନୀତି ଏବଂ ବିଶେଷ କରି ଏକ ସାର୍ବଭୌମ ପାଲେଷ୍ଟାଇନ ରାଷ୍ଟ୍ର ଗଠନର ଯେଉଁଶେଷି ସମ୍ଭାବନାକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେବାର ଉଦ୍ୟମକୁ ଆଖି ବୁଜି ଦେଇଛନ୍ତି । ଏହା ସତ ଯେ, ସମସ୍ତ ଚାଳନୈତିକ ନେତା କ୍ଷମତା ଅଭିଳାଷ କରିବା ଏବଂ ଦୀର୍ଘକାଳ ତାହାକୁ ଜାବୁଡ଼ି ଧରିବାକୁ ଇଚ୍ଛା କରନ୍ତି; ନହେଲେ ସେମାନେ କେବେ ମଧ୍ୟ ରାଜନୀତିରେ ପ୍ରବେଶ କରି ନଥାନ୍ତେ । ତେବେ, ଖାମେନେଇ ଓ ନେତାନ୍ୟାହୁଙ୍କ କ୍ଷେତ୍ରରେ ସେମାନଙ୍କ ବିଚାରଧାରା ମଧ୍ୟ ସେମାନଙ୍କ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା; ପ୍ରଥମ କ୍ଷେତ୍ରରେ ଇସ୍‌ଲାମିକ ଧର୍ମ ଶାସନର ଧାରଣା, ଏବଂ ଦ୍ୱିତୀୟ କ୍ଷେତ୍ରରେ ଇହୁଦୀ ବିଚାରଧାରା । ତେବେ ଏହି ସଂଘର୍ଷର ତୃତୀୟ ପ୍ରମୁଖ ବ୍ୟକ୍ତିତ୍ୱ, ଡୋନାଲ୍ ?ଡ ଟ୍ରମ୍ପଙ୍କ ବିଷୟରେ କ'ଣ କୁହାଯାଇପାରେ ? ସେ ମଧ୍ୟ ନିଷ୍ଠିତଭାବେ କ୍ଷମତା ଅଭିଳାଷ ଦ୍ୱାରା ପ୍ରେରିତ, କିନ୍ତୁ ତାଙ୍କ ପାଖରେ କୌଣସି ସ୍ଥାୟୀ ବିଚାରଧାରା ଅଛି କି ନାହିଁ ତାହା କହିବା କଷ୍ଟକର । ଟ୍ରମ୍ପ ନିଜକୁ ଅଭ୍ୟାସଗତ ଭାବେ ଖ୍ରୀଷ୍ଟିଆନ ବୋଲି ଦାବି କରନ୍ତି, ତଥାପି ତାଙ୍କର ବ୍ୟକ୍ତିଗତ ଜୀବନରେ ସେ ଖ୍ରୀଷ୍ଟଧର୍ମର ଦଶଟି ସୂତ୍ରର ସମସ୍ତ ନହେଲେ ମଧ୍ୟ ଅଧିକାଂଶ ସୂତ୍ର ଲଙ୍ଘନ କରିଛନ୍ତି । ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଡେମୋକ୍ରାଟ ସଦସ୍ୟ ରହିବା ପରେ ସେ ରିପବ୍ଲିକାନ୍ ଭାବେ ବୁଲଟି ରାଷ୍ଟ୍ରପତି ନିର୍ବାଚନ ଜିତିଛନ୍ତି । ଡୋନାଲ୍ ?ଡ ଟ୍ରମ୍ପ ଏକ ଯୁଦ୍ଧ-ବିରୋଧୀ ଆଭିମୁଖ୍

ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

ସମ୍ବଲପୁର,୨୫/୩(ନି/ପ୍ର): ଚୈତ୍ର ନବରାତ୍ରିର ଚତୁର୍ଥ ଦିନରେ ସମ୍ବଲପୁରର ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ପରିସରରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଦ୍ୱାରା ଏକ ଆକର୍ଷଣୀୟ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଷିତ ହୋଇଯାଇଛି । ଗୁରୁ ପ୍ରଫୁଲ୍ଲ ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସମ୍ବଲପୁରର ପ୍ରସିଦ୍ଧ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ, ସୁପ୍ରଭା ପାଢ଼ୀ, ଏମ୍. ଶାନ୍ତିସୁଧା ସହ ଆକାଶବାଣୀ ସ୍ୱୀକୃତ କଳାକାର ବିଜୀତ ପୁନା, ରବୀନ୍ଦ୍ର ପଣ୍ଡା, ନିର୍ମଳ ଚାନ୍ଦ, ମାନସ ଷଡ଼ଙ୍ଗୀ, ଶୁଭକାନ୍ତ ପଟ୍ଟନାୟକ, ମଳୟ ଦାଶ, କଳ୍ପନା ପତି, କଲ୍ୟାଣୀ ରଥ, ଅର୍ପିତା ବେହେରା, ରଞ୍ଜିତ ଚନ୍ଦ୍ର, ବିଶ୍ୱଜିତ ନାଗ, ବେଦ ମତି, ଭୂମି ସୂତା ଓ ଲୋପାମୁଦ୍ରା ବାଗ ଭଜନ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ସ୍ୱଭାବ କବି ଗଙ୍ଗାଧର ମହେନ୍ଦ୍ରଙ୍କ ରଚିତ "ଜୟ ମାତ ସମଲାଇ" ଭଜନ ସମବେତ କଣ୍ଠରେ ପରିବେଷିତ ହୋଇଥିଲା । ପରେ ସମ୍ବଲପୁରୀ, ଓଡ଼ିଆ ଓ ହିନ୍ଦୀ ଭାଷାର ବିଭିନ୍ନ ଭକ୍ତିମୟ ସଙ୍ଗୀତ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗୀତର ମଧୁର ଧ୍ୱନିରେ ପରିବେଶ ଶାନ୍ତ, ଆଧ୍ୟାତ୍ମିକ ଓ ଭକ୍ତିମୟ ରହିଥିଲା । ମଂଚ ପରିଚାଳନା ଏମ୍.ଆର୍.କେ. ରାଓ କରିଥିଲେ । ବିଭିନ୍ନ ବାଦ୍ୟଯନ୍ତ୍ରରେ ଶିଳ୍ପୀମାନଙ୍କ ସହଯୋଗ ଉଲ୍ଲେଖନୀୟ ରହିଥିଲା । ହାର୍ମୋନିଅମ୍‌ରେ ପ୍ରଫୁଲ୍ଲ ମିଶ୍ର, ଲିବୋର୍ଡରେ ଦେବାଶିଷ ପାଢ଼ୀ, ତବଲାରେ ସୁରେନ୍ଦ୍ରନାଥ ବାଗ, ଢୋଲରେ କୃଷ୍ଣ ଚନ୍ଦ୍ର ବାଗ, ନିଶାନରେ ଖୃତିଶ ଚନ୍ଦ୍ର ବାଗ, ତାଷାରେ ସୁମିତ ପ୍ରଧାନ, ଗିଟାରରେ ପ୍ରମିତ କୁମାର ମିଶ୍ର ଏବଂ ପ୍ୟାଡ୍ରେ ଭାଗୀରଥୀ ସିଂହଦେଓ ନିଜନିଜ କଳାକଷଳତା ପ୍ରଦର୍ଶନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମଲେଇ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଉଦଘାଟନ କରିଥିଲେ ଏବଂ ତାଙ୍କ ସହିତ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା ଓ ଦେବ କୁମାର ଅଗ୍ରମେରୀଆ ଉପସ୍ଥିତ ଥିଲେ । ମୋହନ ସାହୁ, ଶ୍ୟାମ ସୁନ୍ଦର ଧର, ତ୍ରିଲୋଚନ ତ୍ରିପାଠୀ, ପଦ୍ମିନୀ ଦୋରାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ରାମ ନବମୀ–ହନୁମାନ ଜୟନ୍ତୀ ପାଇଁ ସମ୍ବଲପୁରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ସମ୍ବଲପୁର,୨୫/୩(ନି/ପ୍ର): ରାମ ନବମୀ ଓ ହନୁମାନ ଜୟନ୍ତୀକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋଦରଙ୍କ ଅଧ୍ୟକ୍ଷତାରେ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଜୟନ୍ତୀ ଅବସରରେ ପିଇବା ପାଣି, ସ୍ୱାସ୍ଥ୍ୟ କେନ୍ଦ୍ର, ଲାଇଟ୍, ଡ୍ରେନେଜ୍, ରାସ୍ତାକୁ ପ୍ରାଥମିକତା ଦିଆଯାଇଥିବା ଜିଲ୍ଲାପାଳ କହିଛନ୍ତି । ସେହିପରି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ଏବଂ ଶୋଭାଯାତ୍ରା ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିବା ଉଚ୍ଚତାଂଚ ଆଜଜି ହିମାଂଶୁ ଲାଲ କହିଛନ୍ତି । ସହରର ବିଭିନ୍ନ ସ୍ଥାନରେ ସିସିଟିଭି, ଡ୍ରୋନ୍ କ୍ୟାମେରା ଏବଂ ପର୍ଯ୍ୟାପ୍ତ ପୁଲିସ ଫୋର୍ସ ମୁତୟନ କରାଯିବ । ବିଶେଷ କରି ୩୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ସହ ଫ୍ଲାଗ ମାର୍ଚ୍ଚ କରାଯିବାର ଯୋଜନା ରହିଛି । ଏଲ୍‌ଇଡି ଟିଭିର ମଧ୍ୟ ବ୍ୟବସ୍ଥା କରାଯାଇଛି । ମହିଳାଙ୍କ ସୁରକ୍ଷା ପାଇଁ ସାଧା ପୋଷାକରେ ପୁଲିସ କର୍ମଚାରୀମାନେ ମଧ୍ୟ ରହିବେ । ଟ୍ରାଫିକ୍ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣକୁ ଦୃଢ଼ାକରି ଲାଗୁ କରିବା ପାଇଁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବ ।

କେନ୍ଦ୍ରାପଡ଼ାରେ ସୁଭଦ୍ରାଶକ୍ତି ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୫/୩: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଆଜି ସୁଭଦ୍ରା ଶକ୍ତିମେଳା, କୃଷି ଯନ୍ତ୍ରପାତି ମେଳା ଓ ମତ୍ସ୍ୟସମ୍ପଦ ମେଳା ଭବ୍ୟଭାବେ ଉଦ୍‌ଘାଟିତ ହୋଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ, "ମହିଳା ସଶକ୍ତ ହେଲେ ପରିବାରର ଉନ୍ନତି ହେବ, ପରିବାରର ଉନ୍ନତି ହେଲେ ଜିଲ୍ଲାର ଉନ୍ନତି, ତଥା ରାଜ୍ୟ ଓ ଦେଶର ସମଗ୍ର ଉନ୍ନତି ସୁନିଶ୍ଚିତ ହେବ ।"

ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକ କୁନ୍ତରା ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା

ଦୁର୍ଘଟଣାରେ ୧ ମୃତ ୫ଗୁରୁତର

ରାଜନଗର,୨୫/୩(ନି/ପ୍ର): ରାଜନଗର ବ୍ଲକ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ନିକଟରେ ୨ କେଟିଏମ ବାଇକ ମୁହାଁମୁହିଁ ଧକ୍କା ଫଳରେ ଜଣଙ୍କର ମୃତ ଘଟିଥିବା ବେଳେ ୫ ଜଣ ଗୁରୁତର ଆହାତ ହୋଇଛନ୍ତି । ମୃତଯୁବକ ଜଣକ ହେଉଛନ୍ତି ପଡ଼ପୁରର ଆଶୁତୋଷ ମଳିକ । ପ୍ରଥମେ ସେମାନଙ୍କୁ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସାପାଇଁ ନିଆଯାଇଥିଲା । ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ବିଶ୍ୱଜିତ ବେହେରା କହିଛନ୍ତି ୬ ଜଣ ମେଡିକାଲକୁ ଆସିଛନ୍ତି ସେମାନଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ରାଜନଗର ବ୍ଲକ ବଡ଼ ନାଇଜଣାର ଶିବରାମ ମଳିକ ,ରତ୍ନାକର ସ୍ୱାଇଁ ଓ ଅବଦୁତ ସେଠି କେଟିଏମ ବାଇକ ଯୋଗେ ରାଜନଗରରୁ ନାଇଜଣା ଫେରୁଥିଲେ । ସେହି ସମୟରେ ସେଷ ଗୁ କେଟିଏମ ବାଇକ ଯୋଗେ ଫେରୁଥିବା ଆଜି ପଡ଼ପୁର ର ଶ୍ରୀନିବାସ ମହାରଣା, ଆଶୁତୋଷ ମଳିକ ଓ ଜଖଣ୍ଡଟାଂଟର ବିଶ୍ୱଜିତ ନାୟକ ଦୁଇଗତିରେ ଫେରୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା

ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ୨୬ରୁ ୬ ଦିନିଆ ଲିଙ୍ଗରାଜ ମହୋତ୍ସବ

ଭୁବନେଶ୍ୱର,୨୫/୩(ନି/ପ୍ର): ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଫଂଚଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ୨୬ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇ ୩୧ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ୬ ଦିନ ବ୍ୟାପି ଚାଲିବ । ଏଥିରେ ୭୦୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେବେ । ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଏବଂ ରୁକୁଣା ରଥଯାତ୍ରା ଉପଲକ୍ଷେ ଏହି ଲିଙ୍ଗରାଜ ମହୋତ୍ସବର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ସୂଚନା ଦେଇଛନ୍ତି । ମଙ୍ଗଳବାରଦିନ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସସ୍ଥିତ ଭଜନ ମଣ୍ଡପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତରାୟ ଓ ଶ୍ରୀ ମିଶ୍ର କହିଛନ୍ତି ଚଳିତବର୍ଷ ଅଧିକ ପଦ୍ରୋଣୀ ତଥା ଓଡ଼ିଶାର କଳାକାରମାନେ ନୃତ୍ୟ ପରିବେଷଣ କରିବେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ପ୍ରତିଭା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା କଳା ବିକାଶ କେନ୍ଦ୍ରର କଳାକାରମାନଙ୍କ ସହିତ ବାଣୀପାଣି କଳାନିକେତନ, ଭଜନ ସଙ୍ଗୀତ ମହାବିଦ୍ୟାଳୟ, ସତ୍ୟବାଦୀ ମହାବିଦ୍ୟାଳୟ, ଓଡ଼ିଶା ଦ୍ୟାନ୍ସ ଏକାଡେମୀ, ଡ୍ରିଧାରା, କୋଣାର୍କ ଫୋକସ ଡ୍ୟାନ୍ସ ଏକାଡେମୀ, କଳାନିକେତନ, ପୂର୍ବାଂଚଳ ସାଂସ୍କୃତିକ କଳାକେନ୍ଦ୍ର (ଇଜେଡ୍ ସିସି) ଭୋଲକଚାର ଭାରତ ନାଟ୍ୟମ, ପୁରୁଲିଆ ଛଉ, ଶ୍ରଦ୍ଧା କ୍ରିଏଟିଭ, କଟାଧାରୀ ବେହେରାଙ୍କ ପ୍ରସିଦ୍ଧ ଘୋଡ଼ାନାଚ, ଶିଳ୍ପୀକା, ଆଦିବାସୀ ନୃତ୍ୟ, ପାଇକ ଆଖଡ଼ା, ଡ୍ରୁ ଆଣ୍ଡ ଡ୍ରାଇଭ୍ ଏକାଡ଼େମୀ, ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଗୁରୁ ନିରଞ୍ଜନ ରାଉତ, ବିଦ୍ୟଶ୍ରୀ ଗାଙ୍କୁଲି, ସିଂଗମ, ନୃତ୍ୟାର୍ଚ୍ଚନା, ସ୍ୱପ୍ନାରାଣୀ ସିହ୍ନା, ଫୁଲବାଣୀର ଧେମ୍‌ସା, ସୃଷ୍ଟି କଳାକେନ୍ଦ୍ର, ଅ ଜପାଣ୍ଡେ ଆଦିବାର୍ଣ୍ଣଟି ପୁପୁର ସୁନାମଧନ୍ୟ କଳାକାରମାନେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିବେ । ଏହି ସମସ୍ତ ୬ ଦିନିଆ ନୃତ୍ୟ କାର୍ଯ୍ୟକ୍ରମକୁ ବାସୁଦେବ ନାଥ ମଂଚ ପରିଚାଳନା କରିବେ ବୋଲି ସେମାନେ କହିଛନ୍ତି । ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡା ଏବଂ ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନର ଉପସଭାପତି ଶିବାନନ୍ଦ ରାୟ ଏହି ୬ ଦିନିଆ ମହୋତ୍ସବ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ୨୬ ତାରିଖ ଦିନ ଲିଙ୍ଗରାଜ ମହୋତ୍ସବର ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ପୂର୍ତ୍ତ ଓ ଆଇନ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଦ୍ୟଜନ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏକାମ୍ର ବିଧାୟକ ବାବୁ ଫି, ଅନୁଷ୍ଠାନର ଉପସଭାପତି ତଥା ବିଜେପି ରାଜ୍ୟ ପୂର୍ବତନ ସଭାପତି ସମୀର ମହାନ୍ତି, ବରିଷ୍ଠ ନେତ୍ରୀ ରଶ୍ମୀ ମହାପାତ୍ର, ଜର୍ଣ୍ଣାଲେରର ବିଜଂଗ ମହାସୁପକାର ପ୍ରମୁଖ ଯୋଗଦେବେ । ୩୦ ତାରିଖରେ ପ ।ୟିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଯୋଗଦେବେ ଏବଂ ୩୧ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ । ଅନ୍ୟ ଦିବସ ମାନଙ୍କରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ବରିଷ୍ଠ ମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ ପ୍ରକାଶ କରିଛନ୍ତି ।

ସୁହାଗ ଏବଂ ସମୃଦ୍ଧିର ମହାପର୍ବ ଗଣଗୌର ସଂପନ୍ନ

ସମ୍ବଲପୁର,୨୫/୩(ନି/ପ୍ର): ବାର୍ଘ ୧୮ ଦିନ ଧରି ଚାଲିଥିବା ମହିଳାଙ୍କ ସୁହାଗ ଏବଂ ସମୃଦ୍ଧି, ଆତ୍ମା ଏବଂ ବିଶ୍ୱାସର ମହାନ ପର୍ବ 'ଗଣ ଗୌର' ହର୍ଷଉଲ୍ଲାସର ସହ ସଂପନ୍ନ ହୋଇଯାଇଛି । ପାରମ୍ପରିକ ପରିଧାନ ପିନ୍ଧି ସଧବା ମହିଳା ମାନେ ମୋଟ ୧୬ ଗୋଟି କୁଆଁରୁ ପାଣି ସଂଗ୍ରହ କରି ଲୋକ ଗୀତ ମାଧ୍ୟମରେ ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ବହୁ ସଂଖ୍ୟାରେ ରାଜସ୍ଥାନୀ ଶ୍ରଦ୍ଧାଳୁ ମହିଳା ମାନେ ଏକତ୍ରିତ ହୋଇ ସନ୍ଧ୍ୟାରେ ଗୌରୀ ଓ ଶିବଙ୍କ ପ୍ରତିମା ବିସର୍ଜନ ସହ ବିଦାୟୀ ମେଲଣ ଦେଇଥିଲେ । ଏହି ଅବସରରେ ମୁଖ୍ୟତଃ ସଧବା ମହିଳା ଅଖଣ୍ଡ ସୌଭାଗ୍ୟବତୀ ଏବଂ କୁଆଁରୀ କନ୍ୟାମାନେ ମନ ପସନ୍ଦର ବର ପାଇଁ କାମନା କରିଥାନ୍ତି । ରାଜସ୍ଥାନୀ ଲୋକଙ୍କ ଗଣ ଗୌର ପୂଜା ଏକ ଆବଶ୍ୟକ ବୈବାହିକ ରୀତି ଭାବେ ମଧ୍ୟ ପ୍ରଚଳିତ ଅଟେ । ବାମରା ରେ ଲାଠ ପରିବାରରେ ଗଣଗୌର ସ୍ଥାପନା କରାଯାଇଛି,ଏଥିରେ ମହିଳା ଓ କନ୍ୟା ମାନେ ଏଥିରେ ଭାଗ ନେଇଥାନ୍ତି । ଗଣଗୌର ଆମର ସଂସ୍କୃତି ତଥା ପରମ୍ପରାର ପ୍ରତୀକ ବୋଲି ରାଧିକା ଲାଠ ଅଗ୍ରୱାଲ,ଜାଗୃତି ଲାଠ ପୋଦାର, ତନିଶା ଖଣ୍ଡେଲୱାଲ, ମାନସୀ ଖଣ୍ଡେଲୱାଲ କହିଛନ୍ତି ।

୨ ବର୍ଷ ହେଲା ଆରପିଡିଏସି ବୈଠକ ନାହିଁ : ସମସ୍ୟାରେ ବିସ୍ଥାପିତ, ଜିଲ୍ଲାରେ ବଢୁଛି ଅସନ୍ତୋଷ

ଝାରସୁଗୁଡା,୨୫/୩(ନି/ପ୍ର): ଝାରସୁଗୁଡା ଜିଲ୍ଲାରେ ଗତ ଦୁଇ ବର୍ଷ ଧରି ପୁନର୍ବାସ ଓ ପାର୍ଶ୍ୱବର୍ତ୍ତୀ ଅଂଚଳ ବିକାଶ ପରାମର୍ଶଦାତା ସମିତି (ଆରପିଡିଏସି) ବୈଠକ ଆୟୋଜନ ହୋଇନଥିବାରୁ ବିସ୍ଥାପିତ ପରିବାରମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଶିଳ୍ପ ସମୃଦ୍ଧ ଏହି ଜିଲ୍ଲାରେ ଗତ ୨୫ ବର୍ଷ ଧରି ଅନେକ ଛୋଟ ବଡ଼ କମ୍ପାନୀ ସ୍ଥାପିତ ହେବା ଫଳରେ ଶତାଧିକ ପରିବାର ନିଜ ଜିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି । କିଛି ଅଂଚଳରେ ଏହି ପ୍ରକ୍ରିୟା ଏବେ ମଧ୍ୟ ଚାଲିଛି । ରାଜ୍ୟ ସରକାରଙ୍କ ପୁନର୍ବାସ ଓ ସ୍ଥାନାନ୍ତରଣ ନୀତି ଅନୁଯାୟୀ, ପ୍ରତି ତିନି ମାସରେ ଥରେ ଆରପିଡିଏସି ବୈଠକ ହେବା ଆବଶ୍ୟକ । ଏହି ବୈଠକରେ ବିସ୍ଥାପିତଙ୍କ ଅର୍ଥିକ ସହାୟତା, ନିଯୁକ୍ତି ସୁଯୋଗ, ପୁନର୍ବାସ କଲୋନୀରେ ମୌଳିକ ସୁବିଧା ଓ ସିଏସଆର ପାଣ୍ଠି ବ୍ୟବହାର ନେଇ ସମୀକ୍ଷା କରାଯାଏ । ତଥାପି ଜାନୁଆରୀ ୨୦୨୪ ଠାରୁ ଜିଲ୍ଲାରେ ଏପର୍ଯ୍ୟନ୍ତ କୌଣସି ବୈଠକ ହୋଇନଥିବା ଅଭିଯୋଗ ହେଉଛି । ଅନ୍ୟପଟେ, ସମ୍ବଲପୁରରେ ଚଳିତ ବର୍ଷ ଜାନୁଆରୀରେ ଏକ କମ୍ପାନୀ ସମ୍ବନ୍ଧୀୟ ଆରପିଡିଏସି ବୈଠକ ହୋଇଥିବା ବେଳେ, ଝାରସୁଗୁଡାର ବିଭିନ୍ନ ଅଂଚଳର ବିସ୍ଥାପିତଙ୍କ ସମସ୍ୟା ଅବହେଳିତ ରହିଛି ବୋଲି ଅଭିଯୋଗ ଉଠୁଛି । ଏହା ଫଳରେ ପାନୀୟଜଳ, ବିଦ୍ୟୁତ, ରାସ୍ତାଘାଟ ଓ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ସୁବିଧା ଯୋଗାଣ ନେଇ ସନ୍ଦେହ ସୃଷ୍ଟି ହେଉଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ବିସ୍ଥାପିତ ପ୍ରତିନିଧିମାନେ ତୁରନ୍ତ ଆରପିଡିଏସି ବୈଠକ ଡାକିବାକୁ ଜିଲ୍ଲା ପ୍ରଶାସନଙ୍କୁ ଦାବି କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ଏହି ବୈଠକ ହେଲେ ବିସ୍ଥାପିତଙ୍କ ସମସ୍ୟାର ସଠିକ୍ ମନିଟରିଂ ଓ ସମାଧାନ ସମ୍ଭବ । ଏନେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଶୀଘ୍ର ଆରପିଡିଏସି ବୈଠକ ଆୟୋଜନ କରାଯିବ । ବିଭିନ୍ନ ସମୟରେ କମ୍ପାନୀ ସମ୍ବନ୍ଧୀୟ ଅଭିଯୋଗ ଆସୁଥିବା ସହ ତାହାର ସମାଧାନ ମଧ୍ୟ କରାଯାଇଛି ବୋଲି ସେ ଜଣାଇଛନ୍ତି । ବର୍ତ୍ତମାନ ସମୟରେ ଜିଲ୍ଲାର ବିସ୍ଥାପିତ ଲୋକମାନଙ୍କ ଦୁଃଖ ଦୂର କରିବା ପାଇଁ ଶୀଘ୍ର ବୈଠକ ଆୟୋଜନ କରି ପ୍ରାୟୋଗିକ ପଦକ୍ଷେପ ନେବାକୁ ସାଧାରଣ ମହଲରେ ଜୋରଦାର ଦାବି ହେଉଛି ।

ପ୍ରଭଞ୍ଜନ ବୈଠାରୁଙ୍କ ମାତୃ ବିୟୋଗ

ସମ୍ବଲପୁର,୨୫/୩(ନି/ପ୍ର): ସମ୍ବଲପୁରର ବରିଷ୍ଠ ବିଜ୍ଞାପନ ଅଧିକାରୀ ପ୍ରଭଞ୍ଜନ ବୈଠାରୁଙ୍କ ମାତୃ ବିୟୋଗ ଘଟିଛି । ସୂତନାଯୋଗ୍ୟ ଗତ ମାର୍ଚ୍ଚ ୨ ତାରିଖ ବିକାଳିତ ରାତିରେ ତାଙ୍କ ବାପା ପି. କୃଷ୍ଣଚନ୍ଦ୍ର ବୈଠାରୁଙ୍କ ୮୨ ବର୍ଷବୟସରେ ପରଲୋକ ହୋଇ ଯାଇଥିଲା । ମାତ୍ର ୨୦ ଦିନ ବ୍ୟବଧାନରେ ଆଜି ମଝିପଡ଼ା ସ୍ଥିତ ନିଜ ବାସଭବନରେ ପ୍ରଭଞ୍ଜନଙ୍କ ମାଁ ଶୈଳେନ୍ଦ୍ରୀ ବୈଠାରୁଙ୍କ ୮୧ ବର୍ଷ ବୟସରେ ଦୁଃଖଦ ପରଲୋକ ହୋଇଯାଇଛି । ବାପାଙ୍କ ପରେପରେ ହଠାତ୍ ମାଁ ଚାଲିଯିବା ଘଟଣା ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ଦୁଃଖର ସାଗରରେ ଭସାଇ ଦେଇଛି । ଶୋକାକୁଳ ପରିବାରକୁ ସମବେଦନା ଜଣାଇବା ସହ ବହୁ ଆତ୍ମୀୟ ସ୍ୱଜନ ପରିଜନ ଓ ବିଭିନ୍ନ ବର୍ଗର ବହୁତି ବିଶେଷ ସୈରିନ୍ଧ୍ରୀଙ୍କ ମରଣଶୀଳକୁଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ । ଶେଷରେ ଏକ ଶୋଭାଯାତ୍ରାରେ ନିକଟସ୍ଥ ରାଜଘାଟକୁ ନିଆଯାଇ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

ଗାଗୁନିଙ୍କୁ ଚଲାପଥ ପାଇଁ ହୁଇଲଚେୟାର ପ୍ରଦାନ କଲେ ଜଗନ୍ନାଥ ଟ୍ରଷ୍ଟ

କେନ୍ଦ୍ରାପଡ଼ା,୨୫/୩(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଚେରାଦିଶି ବ୍ଲକ ଅନ୍ତର୍ଗତ କାଉପଡା ଫଂଚାୟତର ଧଳେଇନଗେଇ ଗ୍ରାମର ଗାଗୁନି ସେଠୀ ଏବେ ଜଣେ ଦିବ୍ୟାଙ୍ଗ ଅଟନ୍ତି । ବାପାମା, ସ୍ତ୍ରୀ ଓ ଦୁଇଟି ପିଲାଙ୍କୁ ନେଇ ତାଙ୍କର ସୁଖୀ ପରିବାର ଥିଲା । ସମୟଚକ୍ରରେ ବର୍ଷାଏ ୧୨ ବର୍ଷପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ଗାଗୁନିଙ୍କ ଜୀବନରେ ଦୁଃଖ ଓ କଷ୍ଟର ପାହାଡ଼ ମାଡି ଆସିଥିଲା । ମୃତ୍ୟୁ ମୁଖରୁ ସିନା ସେ ବଞ୍ଚିଗଲେ ହେଲେ ଆଜୀବନ ଦିବ୍ୟା

୨୮ରେ ବାହାରିବ ରାମ ନବମୀ ଆଖଡା ଶୋଭାଯାତ୍ରା

ରାଉରକେଲା,୨୫/୩(ନି/ପ୍ର): ଚଳିତ ବର୍ଷ ମାର୍ଚ୍ଚ ୨୭ ତାରିଖରେ ଶ୍ରୀ ରାମନବମୀ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ, ରାଉରକେଲା ସହରର ବିଭିନ୍ନ ପୂଜା ମଣ୍ଡପରେ ଶ୍ରୀ ହନୁମାନଙ୍କ ସହ ଶ୍ରୀରାମଙ୍କ ପୂଜା ଅନୁଷ୍ଠିତ ହେବ । ଶ୍ରୀ ରାମ ନବମୀରେ ବିଭିନ୍ନ ହନୁମାନ ଆଖଡା କମିଟି ପକ୍ଷରୁ ଶ୍ରୀ ହନୁମାନଙ୍କ ପୂଜା ଅନୁଷ୍ଠିତ ହେବ । ମାର୍ଚ୍ଚ ୨୮ ତାରିଖ ଦିନ ଶ୍ରୀ ହନୁମାନ ଆଖଡା ଶୋଭାଯାତ୍ରା ରାଉରକେଲା ଆୟୋଜିତ ହେବାକୁ ରାଉରକେଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାକୁ ଦୃଷ୍ଟିରେ ରଖି ଆଜି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ସମସ୍ତ ଆଖଡା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଉରକେଲା ସହରର ବିଭିନ୍ନ ହନୁମାନ ଆଖଡା କମିଟିର କର୍ମକର୍ତ୍ତାମାନଙ୍କ ସହ ରାଉରକେଲା ଶାନ୍ତି କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମାଂଚଳ ରେଞ୍ଜ ପୋଲିସ୍ ଡିଆଇଜି ତ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିରେଶ ଖୁଣ୍ଟିଖୁଣ୍ଟା, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ପୋଲିସ ଥାନାର ଭାରପ୍ରାପ୍ତ ଅଧିକାରୀ (ଆଇଆଇସି) ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ରାମନବମୀ ଉପଲକ୍ଷେ ହନୁମାନ ଆଖଡା ଶୋଭାଯାତ୍ରା ରାଜଗାଙ୍ଗପୁର ସହରରେ ମାର୍ଚ୍ଚ ୨୭ ତାରିଖ ଦିନ ଅନୁଷ୍ଠିତ ହେବାକୁ ପୋଲିସ୍ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା ବେଳେ, ରାଉରକେଲା ସହରରେ ହନୁମାନ ଆଖଡା ଶୋଭାଯାତ୍ରା ମାର୍ଚ୍ଚ ୨୮ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବ ବୋଲି ପୋଲିସ୍ ପ୍ରଶାସନ ପକ୍ଷରୁ ନିଆଯାଇଛି ଏହି ବୈଠକରେ ପ୍ରକାଶ କରାଯାଇଛି । ମାର୍ଚ୍ଚ ୨୮ ତାରିଖ ଶନିବାର ଅପରାହ୍ନ ୧ଟା ଠାରୁ ଶ୍ରୀ ହନୁମାନ ଆଖଡା ଶୋଭାଯାତ୍ରା ରାଉରକେଲା ମେନ୍ ରୋଡ (ମୁଖ୍ୟ ରାସ୍ତା)ରେ ଆରମ୍ଭ ହୋଇ ରାତି ୮ଟାରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ଶୋଭାଯାତ୍ରାରେ ଡିଜେକୁ ବାରଣ କରାଯାଇଛି ଏବଂ ଏହା ପରିବର୍ତ୍ତେ ସାଉଣ୍ଡ ବକ୍ସ ବଜାଇବା ପାଇଁ ନିଷ୍ପତ୍ତି ନିଆଯାଇଛି । ସହରର ମଦ ଦୋକାନଗୁଡିକୁ ମାର୍ଚ୍ଚ ୨୭ ଓ ୨୮ ତାରିଖ ଦିନ ନିଷ୍ପତ୍ତି ନିଆଯାଇଥିବା ବେଳେ ଆଖଡା ଶୋଭାଯାତ୍ରା ସମୟରେ କୌଣସି ବ୍ୟକ୍ତି ମଦ ପିଇବା ଦେଖାଗଲେ, ତୁରନ୍ତ ପୋଲିସ୍ ହେପାଜତକୁ ନିଆଯିବ ବୋଲି ଏହି ବୈଠକରେ ପ୍ରକାଶ କରାଯାଇଛି । ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଶୋଭାଯାତ୍ରା ସମୟରେ ହେଉଥିବା ବିଶୃଙ୍ଖଳିତ ଆଚରଣ ପାଇଁ ମୁଖ୍ୟ ଅତିଥି ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ତ୍ରିଜେଶ କୁମାର ରାୟ ତୀବ୍ର ବକ୍ତବ୍ୟରେ ଉପଦେଶ ଛଳରେ କହିଥିଲେ ଯେ, ତ୍ରେତୟା ଯୁଗର ଶ୍ରୀରାମ ଥିଲେ ମର୍ଯ୍ୟାଦା ପୁରୁଷୋତ୍ତମ । ସେହି ମର୍ଯ୍ୟାଦା ପୁରୁଷୋତ୍ତମ ପୁତ୍ର ଶ୍ରୀରାମଙ୍କ ଭକ୍ତ ଥିଲେ ଶ୍ରୀ ହନୁମାନ । ତେଣୁ ଶ୍ରୀ ହନୁମାନଙ୍କ ଆଖଡା ଶୋଭାଯାତ୍ରା ସମୟରେ କୌଣସି ବିଶୃଙ୍ଖଳା ତଥା ବିଶୃଙ୍ଖଳିତ ଆଚରଣ ହେବ ନାହିଁ ବୋଲି ହନୁମାନ ଆଖଡା କମିଟିର କର୍ମକର୍ତ୍ତାଙ୍କୁ ସଚେତାଏ କରିଥିଲେ । ହନୁମାନ ଆଖଡା ଶୋଭାଯାତ୍ରା ସମୟରେ ରାଉରକେଲା ପୋଲିସ୍ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଜଡାଜଡି କରାଯାଇଛି । ଏଥିସହିତ ବିଦ୍ୟୁତ, ଆଲୋକ ବ୍ୟବସ୍ଥା, ପିଇବା ପାଣି ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ରାଉରକେଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଥିଲେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ।

ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ରାଉରକେଲା ଗସ୍ତ

ରାଉରକେଲା,୨୫/୩(ନି/ପ୍ର): ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ଅବନୀକାନ୍ତ ସାହୁ ରାଉରକେଲା ଗସ୍ତରେ ଆସି ଆଙ୍ଗନବାଡି କେନ୍ଦ୍ର ସହିତ ଛତୁଆ ଡିଆରି କେନ୍ଦ୍ର ଗୁଡିକୁ ପରିଦର୍ଶନ କରିଯାଇଛନ୍ତି । ଶ୍ରୀ ସାହୁ ପ୍ରଥମେ ସ୍ୱାଟଂସାଇଡ୍ ଅଙ୍ଗନବାଡି କେନ୍ଦ୍ର ବୁଲି ଦେଖିବା ସହ ଜୁନି ପିଲାମାନଙ୍କ ସହିତ କଥା ହେବା ଏବଂ ବ୍ୟବସ୍ଥାର ତଦାରଖ କରିଥିଲେ । ଏଥିସହିତ ଆଚାର୍ଯ୍ୟ ହରିହର ବିଦ୍ୟାଳୟର ପରିଦର୍ଶନ କରିଥିଲେ ଏବଂ ମଧ୍ୟାହ୍ନ ଭୋଜନର ମାନକ ଯାଚଂ କରିଥିଲେ । ଏହା ବ୍ୟତୀତ ଛାତ୍ରଛାତ୍ରୀ,ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ । ଏଥିସହିତ ଗୁଡୁଟୋଲା ସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ର ମଧ୍ୟ ପରିଦର୍ଶନ କରିବା ସହ ଏହାର ପ୍ରସ୍ତୁତି ପ୍ରକ୍ରିୟା ଦେଖିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ । ଏହା ବ୍ୟତୀତ ଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଏକସମୀକ୍ଷା ବୈଠକ ରାଉରକେଲା ମହାନଗର ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ପାନପୋଷ ଉପଖଣ୍ଡର ବିଶ୍ରା , କୁଆରମୁଣ୍ଡା ବ୍ଲକ, ଲାଠିକଟା , ନୂଆଗାଁ ବ୍ଲକର ଖାଦ୍ୟ ସୁରକ୍ଷା ଯୋଜନା, ଅରୋଦସ ଯୋଜନା , ରାସନ କାର୍ଡରେ ନୂତନ ହିତାଧିକାରୀ ସାମିଲ ହେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ସେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ରେସନ୍ କାର୍ଡରୁ ବାଦ ଦେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅନୁସୂଚିତ ଜାତିଜନଜାତିର ଛାତ୍ରଛାତ୍ରୀ ଆଳଂଶା, ଅନେବାସୀମାନଙ୍କର ବ୍ୟବସ୍ଥା , ବିଭିନ୍ନ ସ୍କୁଲରେ ଏମଡିଏମ ବ୍ୟବସ୍ଥାର, ଆଙ୍ଗନବାଡି କେନ୍ଦ୍ରର ବ୍ୟବସ୍ଥା ସମୀକ୍ଷା କରିଥିଲେ କ୍ଷ ବୈଠକରେ ଉପଜିଲ୍ଲାପାଳ ବିଜୟ କୁମାର ନାୟକ , ଅତିରିକ୍ତ ଯୋଗାଣ ଅଧିକାରୀ ସୁନ୍ଦରଗଡ଼, ସଞ୍ଜୟ ପୁକାଶ ପ୍ରଧାନ , ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କ ସହିତ ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ କର୍ଣ୍ଣ , ସହକାରୀ ଯୋଗାଣ ଅଧିକାରୀ, ପାନପୋଷ ଫକିଡା ପଟ୍ଟନାୟକ, ଏସ୍‌ଏସ୍‌ଏସ୍‌ଓ ମିନୁ ତାଣ୍ଡିଆ ଏବଂ ସିଡିପିଓ ଉପସ୍ଥିତ ଥିଲେ । ଏହି ଅବସରରେ ୪ ଜଣ ହିତାଧିକାରୀମାନଙ୍କୁ ନୂତନ ଷ୍ଟିଲ ଚେୟାର ବଣ୍ଟନ କରାଯାଇଥିଲା ।

ଦର୍ଶକଙ୍କୁ ବିମୁଗ୍ଧ କଲା ନାଟକ ଉଲପୀ .....

ରାଉରକେଲା,୨୫/୩(ନି/ପ୍ର): ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସଂପର୍କ ଦ୍ୱାରା ଆୟୋଜିତ 'ଜାତୀୟ ନାଟକ ମହୋତ୍ସବର ତୃତୀୟ ସଂଧ୍ୟାର ଉତ୍ସବକୁ ଏନ୍ ଟି ପି ସି ର ମୁଖ୍ୟ ମହାପ୍ରବନ୍ଧକ କେ ସତ୍ୟ ନାରାୟଣ ମୁଖ୍ୟଅତିଥି ଭାବେ ଯୋଗ ଦାନ କରି ଉଦ୍ଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ସୁତ୍ରତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ ସମର ମୁଦାଲି ଓ ସୁନ୍ଦରଗଡ଼ ଜିଲ୍ଲା କୋ ଅପରେଟିଭ ବ୍ୟାଙ୍କର ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗ ଦାନ କରିଥିଲେ । ଝିଲିମା ମହାନ୍ତି ମଂଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ରାଉରକେଲାର ବିଶିଷ୍ଟ ଅଭିନେତା, ରାଜନୀତିଜ୍ଞ ଓ ସମାଜସେବୀ ଧୀରେନ ସେନାପତିଙ୍କୁ' ଆମ କଳାକାର ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ସାମାଜିକ କ୍ଷେତ୍ରରେ ଅକ୍ଷୟ କୁମାର ଧଳ,ଡ ସମ୍ବିତ ପ୍ରଧାନ,ପ୍ରତିପ୍ରିୟା ଦାସ ପ୍ରମୁଖଙ୍କୁ ସମ୍ପର୍କ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରିଶେଷରେ ବେଲପାହାଡ଼ ର ମିରର ଥିଏଟର କଳାକାର ମାନେ ନାଟକ ଉଲପୀ ମଂଚସ୍ଥ କରିଥିଲେ । ଦକ୍ଷର ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକ ଟି ଅତି ଉଚ୍ଚକୋଟିର ତଥା ହୃଦୟସ୍ପର୍ଶୀ ଥିଲା । ମହାରାଜତରେ ବର୍ତ୍ତିତ ଚନ୍ଦ୍ରବଂଶୀ ରାଜକୁମାର ତୃତୀୟପାଣ୍ଡବ ଅର୍ଜନ ଓ ନାଗବଂଶୀ ରାଜକୁମାରୀ ଉଲପୀଙ୍କ ଅନାବିଳ ପ୍ରେମକୁ ନେଇ ନାଗବଂଶୀ ଓ ଚନ୍ଦ୍ରବଂଶୀ ଲୋକଙ୍କ ମଧ୍ୟରେ ସଂଘଠିତ ସଂଘର୍ଷ କୁ ଆଧାର କରି ରଚିତ ନାଟକ ଟି ସାଂପ୍ରତିକ ତଥାକଥିତ ରକ୍ଷଣଶୀଳ ପରିବାର ମଧ୍ୟରେ ପ୍ରେମ ବିବାହ କୁ ନେଇ ସୃଷ୍ଟି ହେଉଥିବା ସଂଘର୍ଷକୁ ଉପସ୍ଥାପନ କରିଛି । ଗୌରୀଶଙ୍କର କୁମାରଙ୍କ ସୁମଧୁର ସଂଗୀତ, ଉଲପୀ ଭୂମିକାରେ ସୋନିଆ ବେହେରା ଓ ଅର୍ଜୁନ ଭୂମିକାରେ ସନ୍ତୋଷ ସାହୁଙ୍କ ଅନିଖୁଣ ଅଭିନୟ , ତଥା ଉଚ୍ଚ କୋଟୀର ନିର୍ଦ୍ଦେଶନା ଦର୍ଶକଙ୍କୁ ବିମୁଗ୍ଧ କରିଥିଲା । ଆସନ୍ତା କାଲି ଭୂପାଲର ବାରିପଦା ମଂଚସ୍ଥ କରିବ ନାଟକ ଅପରାର୍ଧ ।

ହନୁମାନ ବାଟିକାର ଯାନବାହାନ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ହନୁମାନ ବାଟିକା ମୁଖ୍ୟ ରାସ୍ତାରୁ ହଟାଇ ନିଆଯିବ ପାର୍କିଂ : ରାମ ନବମୀରୁ କାର୍ଯ୍ୟକାରୀ ହେବ ନୂତନ ନିୟମ

ରାଉରକେଲା,୨୫/୩(ନି/ପ୍ର): ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡିଶାର ରାଉରକେଲା ସହରରେ ଥିବା ହନୁମାନ ବାଟିକା ପଶ୍ଚିମ ଓଡ଼ିଶାର ଏକ ପ୍ରସିଦ୍ଧ ଧାର୍ମିକ ଏବଂ ପର୍ଯ୍ୟଟନସ୍ଥଳୀ ଭାବରେ ଦେଶ୍ ପରିଚିତ। ଭକ୍ତ ଏବଂ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ହନୁମାନ ବାଟିକାର ପରିଚାଳନା ସଂସ୍ଥା 'ଜୟ ହନୁମାନ ସମିତି ଚାରିଟେବଲ୍ ଟ୍ରଷ୍ଟ' ମୁଖ୍ୟ ରାସ୍ତାରେ ହେଉଥିବା ବିଶୃଙ୍ଖଳିତ ଯାନବାହାନ ପାର୍କିଂକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ସହରର ବିଭିନ୍ନ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ନାଗରିକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ମିଳୁଥିବା ନିରନ୍ତର ଅଭିଯୋଗ ଏବଂ ପରାମର୍ଶ ପରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ରାଜ୍ୟସଭା ସଦସ୍ୟ ବିଜୀତ ରାୟଙ୍କ ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି । ଟ୍ରଷ୍ଟର ସଚିବ ଶୁଭ ପଟ୍ଟନାୟକଙ୍କ ଦ୍ୱାରା ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଏହି ନୂତନ ବ୍ୟବସ୍ଥା ଚଳିତ ବର୍ଷ ଶ୍ରୀରାମ ନବମୀର ପବିତ୍ର ଅବସର ଅର୍ଥାତ୍ ମାର୍ଚ୍ଚ ୨୭ ତାରିଖ (ଶୁକ୍ରବାର) ଠାରୁ ଆନୁଷ୍ଠାନିକ ଭାବରେ କାର୍ଯ୍ୟକାରୀ ହେବ । ଏହି ନିଷ୍ପତ୍ତି ଅନୁଯାୟୀ, ମାର୍ଚ୍ଚ ୨୭ ତାରିଖରୁ, ହନୁମାନ ବାଟିକାକୁ ଆସୁଥିବା ଯାନବାହାନ, ମୁଖ୍ୟ ରାସ୍ତାର କୌଣସି ସ୍ଥାନରେ ପାର୍କିଂକୁ ବଢ଼ାଇବି ନିଷେଧ କରାଯିବ । ଏଥିସହିତ ସମସ୍ତ ଆସୁଥିବା ସମସ୍ତ ଯାନବାହାନକୁ କେବଳ ହନୁମାନ ବାଟିକା ପରିସର ଭିତରେ ଥିବା ନିର୍ଦ୍ଦିଷ୍ଟ 'ବେୟ ପାର୍କିଂ' ଅଂଚଳରେ ପାର୍କିଂ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ସଚିବ ଶୁଭ ପଟ୍ଟନାୟକଙ୍କ ସହିତ ଟ୍ରଷ୍ଟି ଏମ୍. ଦିନାକର ଏବଂ ଗଣେଶ ବାଗାଡିଆ, ନିମନ୍ତିତ ଟ୍ରଷ୍ଟି ସଞ୍ଜନ ଖେଁଡାନ ଏବଂ ଲୋକସମ୍ପର୍କ ଅଧିକାରୀ ପ୍ରମୋଦ କୁମାର ନାହୁଲ୍ୟ ଉପସ୍ଥିତ ଥିଲେ । ଟ୍ରଷ୍ଟର ନିଷ୍ପତ୍ତି ଏବଂ ସୂଚନା ଅନୁସାରେ ପାର୍କିଂ ଫି ବାବଦରେ ଛୁଇଁବଇଆ ଯାନର ପାର୍କିଂ ଫି ୫ ଟଙ୍କା ରଖାଯାଇଥିବା ବେଳେ ଚିନିବଇଆ ଯାନର ପାର୍କିଂ ଫି ୧୦ ଟଙ୍କା, ଚାରିଚକିଆ ଯାନର ପାର୍କିଂ ଫି ୨୦ ଟଙ୍କା ଏବଂ ଛଅ ଚକିଆ କିମ୍ବା ବଡ଼ ଭାରୀ ଯାନର ପାର୍କିଂ ଫି ୧୦୦ ଟଙ୍କା ରଖାଯାଇଛି । ନୂତନ ବ୍ୟବସ୍ଥା ଅନୁସାରେ ଯାନବାହାନର ପ୍ରବେଶ ଏବଂ ପ୍ରସ୍ଥାନ ପାର୍କିଂ, ବର୍ତ୍ତମାନ ଗୋଟିଏ ଗେଟ୍ ନିର୍ଦ୍ଦିଷ୍ଟ କରାଯାଇଛି। ଏହା ହାଲ-ଟେକ୍ ହସ୍ପିଟାଲ ଆଡକୁ ଯାଉଥିବା ଲେନରେ ଅବସ୍ଥିତ ତ୍ରିଶକ୍ତି ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର ପାଖରେ ଅବସ୍ଥିତ । ଏହି ରାସ୍ତା (ଗେଟ ନମ୍ବର-୪) ଯାନବାହାନ ଯାତାୟାତ ଏବଂ ସାଧାରଣ ଲୋକଙ୍କ ଗତିବିଧି ପାଇଁ ଏକ ରାସ୍ତା ଭାବରେ କାର୍ଯ୍ୟ କରିବ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ସୁବିଧାକୁ ଧ୍ୟାନ ଦେଇ, ସନ୍ଧ୍ୟା ସମୟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯାଇଛି ଏବଂ ଜନସାଧାରଣ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି ।

୯୫ ତମ ଶହୀଦ ଭଗତ ସିଂହ, ଶୁକଦେବ ଓ ରାଜଗୁରୁଙ୍କ ଫାଶୀ ଦିବସ ପାଳନ

ରାଉରକେଲା,୨୫/୩(ନି/ପ୍ର): ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡି ଏଓ ଏଫ୍ ଆଇ) ଭାରତର ଛାତ୍ର ଫେଡେରେସନ (ଏସ ଏଫ୍ ଆଇ) ସୁନ୍ଦରଗଡ଼ ଜିଲ୍ଲା କମିଟି ଓ ଶହୀଦ ଭଗତ ସିଂହ ସ୍ମୃତି କମିଟି ପକ୍ଷରୁ ଆଜି ଭାରତର ସ୍ୱାଧୀନତା ଆନ୍ଦୋଳନର ମହାନ୍ ବିପ୍ଳବିକାରୀ ଶହୀଦ ଏ ଆଜମ ଶହୀଦ ଭଗତ ସିଂହ ଓ ଶୁକଦେବ, ରାଜଗୁରୁ ଙ୍କ ୯୫ ତମ ଫାଶୀ ଦିବସ ରାଉରକେଲା ସ୍ଥିତ ଛେଷ୍ଟ କଲୋନୀ ସ୍ଥିତ ଶହୀଦ ଭଗତ ସିଂହ ଙ୍କ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶହୀଦ ଭଗତ ସିଂହ ସ୍ମୃତି କମିଟି ର ଅଧ୍ୟକ୍ଷ ତଥା ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଯୋଗଦେଇ ଶହୀଦ ଭଗତ ସିଂହ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହିତ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ଭଗତ ସିଂହ ଙ୍କ ଅବଦାନ ସର୍ବଦା ଇତିହାସ ରେ ସ୍ୱର୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି କହିଥିଲେ । ଇତିହାସ କୁ ଯେତେ ବିକୃତ କଲେ ମଧ୍ୟ ଭାରତର ଜନଗଣ ବିଶେଷ କରି ଯୁବଛାତ୍ର ଙ୍କ ମଧ୍ୟରେ ଶହୀଦ ଭଗତ ସିଂହ ଲୋକପ୍ରିୟତା ଶହୀଦ ଭଗତ ସିଂହ ଫାଶୀ ପାଇବାର ୯୫ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜିବି ଚାଲୁ ମାନସ ପଟରେ ଜୀବିତ କରି ରଖିଛି । ଆଜିର ଦିନରେ ୧୯୩୧ ମସିହାରେ ଇଂରେଜ ସରକାର ଶହୀଦ ଭଗତ ସିଂହ, ଶୁକଦେବ ଓ ରାଜଗୁରୁ ଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ । କାର୍ଯ୍ୟକ୍ରମ ରେ ସ୍ମୃତି କମିଟି ର ଉପାଧ୍ୟକ୍ଷ ଚନ୍ଦ୍ରଭାନୁ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ମୃତି କମିଟିର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ସାଧାରଣ ସମ୍ପାଦକ ବିଶ୍ୱଜିତ ମାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡି ଏଓଆଇ ଏଫ ଆଇ ଜିଲ୍ଲା ସଭାପତି ଶେଖର ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଐତିହାସିକ ପ୍ରଫେସର ଡ଼ଃ ପ୍ରଭାତ ମଲ୍ଲିକ ଆଜି ର ଯୁବଛାତ୍ର ସମାଜ ଶହୀଦ ଭଗତ ସିଂହଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ନିଜର ଯୋଗ୍ୟ ଭୂମିକା ପାଳନ କରିବାକୁ ଆହ୍ୱାନ କରିଥିଲେ । ବରିଷ୍ଠ ଆଇନଜୀବୀ ସୁଜୟ ପାଣି, ଗୁରୁଦ୍ୱାର ପ୍ରବନ୍ଧକ କମିଟି ର ସନ୍ତୋଷ ସିଂହ ପ୍ରମୁଖ ବକ୍ତବ୍ୟ ରଖି ଶହୀଦ ଭଗତ ସିଂହ ଙ୍କ ସ୍ମୃତି ଚାରଣ କରିଥିଲେ । କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶ୍ରମିକ ନେତା ଜାହାଙ୍ଗୀର ଅଲ୍ଲୀ, ବିମାନ ମାଝି, ବସନ୍ତ ନାୟକ, ବି ପି ମହାପାତ୍ର,ଶଙ୍କୁଚଳା ମହାଳୁହ, ହୃଦୟାନନ୍ଦ ଯାଦବ,ସି ପି ଆଇ ଏମ୍ ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ବାଶ, ଗୁରୁଦ୍ୱାର ପ୍ରବନ୍ଧକ କମିଟି ର ବଳବୀର ସିଂହ, ଗୁରୁମିତ୍ ସିଂହ, ଇନ୍ଦ୍ରଜିତ୍ ସିଂହ,ଦଲଜିତ ସିଂହ,ସି ସି ୟୁ ଏ ଆଦାହକ ଭାରିଥିଥି ଟୁହୁ,ଶ୍ରମିକ ନେତା ପ୍ରବୀର ସେଠୀ, ଏନ୍ ଏନ୍ ପାଣିଗ୍ରାହୀ, ସଚିନ୍ ରାୟ, କୁଳମଣି ରାଉତ, ରତ୍ନାକର ନାୟକ, ଅଶୋକ ମିଶ୍ର, ବାସୁଦେବ ସାହୁ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିବାକର ମହାରଣା, ଉଦ୍ଧବ ପ୍ରତାପ ଦାସ, ଅରୁଣ ମହାରଣା, ସମାଜସେବୀ ଭରତ ବାଇ,ପରେଶ ବିଶ୍ୱାଳ,ସୁନିଲ ପଟ୍ଟନାୟକ,ଯୁବ ନେତା ସତ୍ୟମ୍ ତନ୍ତୀ, ଆଇନଜୀବୀ ସନ୍ତୋଷ ବିଶ୍ୱାଳ,ପ୍ରମୋଦ ବାରିକ୍, ଅଶୋକ ବାଶ,ଆଦିତ୍ୟ ନାୟକ,ସି ବିବାକର ରାଉ, ପ୍ରମୋଦ ପରିଡ଼ା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଶହୀଦ ଭଗତ ସିଂହ ଙ୍କ ପ୍ରତିମ